ମଶାଣିର ଫୁଲ

ସଚ୍ଚିଦାନନ୍ଦ ରାଉତରାୟ

Digitized by PPRACHIN, SOA

ମଶାଣିର ଫୁଲ

ଲେଖକ :
ପଦ୍ମଶ୍ରୀ: ସଚ୍ଚିଦାନଂଦ ରାଉତରାୟ

ଗ୍ରନ୍ଥମନ୍ଦିର

Digitized by PPRACHIN, SOA

ପ୍ରକାଶକ
ଶ୍ରୀ ଅଭିରାମ ମହାପାତ୍ର, ବି. ଏ.
ଗ୍ରନ୍ଥ ମନ୍ଦିର
କଟକ—୨ : ବ୍ରହ୍ମପୁର

ମୁଦ୍ରକ
ଶ୍ରୀ ଜୟରାମ ମହାପାତ୍ର, ବି. କମ୍.
ଗ୍ରନ୍ଥ ପ୍ରକାଶିନୀ
କଟକ—୧

ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ :
ଡିସେମ୍ବର, ୧୯୬୭

ମୂଲ୍ୟ :
ଟ୧.୫୦ ପଇସା

Digitized by PPRACHIN, SOA

ଚତୁର୍ଥ ପ୍ରକାଶନର ଭୂମିକା

"ମଶାଣିର ଫୁଲ୍" ନାମକ ଗଳ୍ପ-ସଂକଳନ ବହୁ ଦିନରୁ ବଜାରରେ ନାହିଁ । ତେଣୁ ଏହାର ଏକ ନୂତନ ସଂସ୍କରଣ ପ୍ରକାଶନର ଆବଶ୍ୟକତା ଅନେକ ଦିନରୁ ଅନୁଭୂତ ହୋଇଆସୁଛି । ବର୍ତ୍ତମାନ ଗ୍ରନ୍ଥ ମନ୍ଦିରର ଆନୁକୂଲ୍ୟରେ ଏହି ଗଳ୍ପଗୁଡ଼ିକ ସଂଗେ ଆଉ କେତୋଟି ନୂତନ ଅପ୍ରକାଶିତ (ପୁସ୍ତକାକାରରେ) ଗଳ୍ପ ଯୋଗକରି ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ ପ୍ରକାଶ କରାଗଲା । ଆଶା, ବହିଟି ଓଡ଼ିଶାର ସୁଧୀସମାଜ ଦ୍ୱାରା ଆଦୃତ ହେବ ।

"ମଶାଣିର ଫୁଲ୍" ପୁସ୍ତକରେ ସନ୍ନିବିଷ୍ଟ ଗଳ୍ପଗୁଡ଼ିକର ଇଂରାଜୀ ଅନୁବାଦ କଲିକତାର ଇଂରାଜୀ ଦୈନିକ ଅମୃତ ବଜାର ପତ୍ରିକା ତଥା ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ଼ର ରବିବାସରୀୟ ସଂଖ୍ୟାମାନଙ୍କରେ ପ୍ରକାଶ ପାଇଛି । ଏହି ଗଳ୍ପଗୁଡ଼ିକର ହିନ୍ଦୀ ଓ ଅସମୀୟା ଅନୁବାଦ ମଧ୍ୟ ତଦ୍‌ଦେଶୀୟ ବହୁ ପତ୍ର ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଛି ।

ଓଡ଼ିଶାର ବିଦଗ୍ଧ ପାଠକମଣ୍ଡଳୀ ଏ ପୁସ୍ତକଟି ପଢ଼ି ଆନନ୍ଦ ଲାଭ କଲେ ଶ୍ରମ ସାର୍ଥକ ମନେକରିବି । ଇତି ।

କଟକ
ଡିସେମ୍ବର ୯୬୭

ସଚ୍ଚିଦାନନ୍ଦ ରାଉତରାୟ

ଉତ୍ସର୍ଗ

ଶ୍ରୀ ହରେକୃଷ୍ଣ ମହତାବଂକୁ
ଶ୍ରଦ୍ଧା ନିବେଦନ

ସଚ୍ଚିଦାନଂଦ
୧୫ । ୧୧ । ୪୫
କଲିକତା

Digitized by PPRACHIN, SOA

ସୂଚିପତ୍ର

ମଶାଣିର ଫୁଲ	୧
ମଲ୍ଲି କଳିଁ	୯
ଅଂଧାରୁଆ	୨୦
ରଜାପୁଅ	୨୯
ରିକ୍ସାବାଲା	୩୫
ଦାରୋଗାଂକ କୁକୁର	୪୩
ପଇସାଟିଏ	୪୭

Digitized by PPRACHIN, SOA

ମଶାଣିର ଫୁଲ

ପୋଡ଼ାକନ୍ଥସଂତ ଶାସନର ଜଗୁ ଡଆଁଙ୍କ କୀର୍ତ୍ତନ କରେ, ମୃଦଂଗ ବଜାଏ, ଗଂଜାଇ ଖାଏ, ଆଉ ମୁର୍ଦ୍ଦାର ପୋଡ଼େ । ଭଲ ମଡ଼ାଚଂଡ଼ିଆ ଖବରରେ ସେ ଖଂଡ଼ମଂଡ଼ଳରେ ଜଗୁର ବେଶ୍ ଗୋଟାଏ ନାଆଁ ବି ଅଛି ।

ମୁର୍ଦ୍ଦାରଟା ଯେବେ ଜୁଇ ନିଆଁ ଉପରେ ସେଁ ସେଁ କରେ କି ତାର ଗୋଡ଼ଟା ନିଆଁ ସେକରେ ସେଡ଼େଂଗା ହୋଇ ଉପରକୁ ବାହାରି ପଡ଼େ, କିଂବା ପେଟ ଭିତର ଅଂତବୁଜୁଳା-ଗୁଡ଼ାକରୁ ପାଣି ନିଗିଡ଼ି ନିଆଁ ଧରେ ନାହିଁ, ତେବେ ଅନ୍ୟ ମାଲଖିଇମାନେ ଜଗୁ ଢ଼ଆଡ଼ ମୁହଁକୁ ଅନାଂତି, ତା'ର ପରାମର୍ଶ ଲୋଡ଼ଂତି ।

ଗଂଜେଇ ନିଶାରେ ଟିକିଏ ବେହୁସିଆର ହୋଇ ଜଗୁ ହୁଏତ ମଶାଣି ପଦାରେ ଖଂଡ଼େ ଦୂରରେ ବସି ଢୁଳାଉଥାଏ । ସେ ଧଡ଼ପଡ଼ ହୋଇ ଉଠିପଡ଼ି ଠିଆ ହୁଏ, ତା'ପରେ କୋକେଇ ଭିତରୁ ଗୋଟାଏ ତନହାତିଆ ବାଉଁଶ ଓଟାରି ଆଣି 'ମାର—ମାର' କହି, ମୁର୍ଦ୍ଦାର ଉପରେ ବସାଇ ଦିଏ ତିନି ଚାରିଟା ପାହାର ।

ମୁର୍ଦ୍ଦାରର ମୁଂଡ଼ଟା ହୁଏତ ଚୂନାଚୂନା ହୋଇ ଯାଏ—ଦହି ବାହାରି ପଡ଼ି ଖଂଡ଼େ ଚଉଡ଼ାରେ ନିଆଁ ହଭିଯାଏ । ଅମାନିଆ ଗୋଡ଼ଟା ଠେଂଗା ମାଡ଼ରେ ଆଂଠୁରୁ ଭାଂଗି ପଡ଼ି ଲୋଟେ ତଳେ କାଠ ସଂଧିରେ । ପେଟଟା ଫାଟି ହୋଇଯାଏ ଦି'ଫାଳ, ଅଂତନାଡ଼ି ଭିତରେ ଭିତରେ ନିଆଁର ଲହ ଲହ ଜିଭ ଗୁହଁ ଗୁହଁ ଖେଳିଯାଏ । ଆଖି ପିଛୁଳାକରେ ସବୁ ଜଳପୋଡ଼ି ହୋଇଯାଏ ପାଉଁଶ ।

ଆଂଠୁଏ ପାଉଁଶ, କୁଲ, ଗୁଂଚୁଣୀ, ହାଂଡ଼ି, ଖପରା, ଛିଂଡ଼ା କନ୍ଥା ସଂତସଂତିଆ ମଶାଣି ପଦା । ନଖ, ବାଳ, ଟିକି ଟିକି ହାଡ଼, ଅଲରା ବଲରା ଅଙ୍ଗାର !!

ଜଗୁ ଡଆଡ଼ ଖୁସି ହୋଇ ଫେରି ଆସେ । ପୋଖରୀ ତୁଠରେ ତେଲ ଲଗାଉ ଲଗାଉ ଜଂଘ ଉପରେ ଚାପୁଡ଼ା ମାରି ଆରାମରେ କହେ "ବାଆଁଙ୍କ କୃପାରୁ କାମଟା ସୁରୁଖୁରୁରେ ବଢ଼ିଗଲା ।"

Digitized by PPRACHIN, SOA

ଗାଆଁରେ ଯେତେବେଳେ ଝାଡ଼ାବାନ୍ତି ବ୍ୟାପେ—ଠାକୁରାଣୀ ପଡ଼ନ୍ତି—ମଡ଼ା କୁଡ଼ କୁଡ଼ ହୁଏ, ଜଗୁ ଭଆଡ଼ର ଖାତର ସେତେବେଳେ ଗାଁରେ ଖୁବ ବଢ଼ିଯାଏ । ସମସ୍ତେ ଆସି ତାଙ୍କୁ ଖୁସାମତ କରନ୍ତି । କିଏ ଆଖିରୁ ଲୁହ ଗଡ଼ାଏ, କିଏ ଖୋସଣୀରୁ ପଇସା ବାହାରି କରେ, କିଏ ବା ହାତଗୋଡ଼ ଧରି 'ବାପଲୋ ଧନଲୋ' କରେ । ଜଗୁ ଭଆଡ଼ି ବଡ଼ ଗମ୍ଭୀର ହୋଇ ସଭିଙ୍କ ନେହୁରା କଥା ଶୁଣେ, କିନ୍ତୁ ହଠାତ୍ କିଛି କହେ ନାହିଁ ।

"କାଲି ରାତିଠୁଁ ଘର ଭିତରେ ମଡ଼ା ପଡ଼ି ଗନ୍ଧେଇ ଗଲାଣି ।"

"ଭୁଆସୁଣୀ ବୋହୂଟା ଦୁଇଦିନ ହେଲା ଘର କଣରେ ମରି ସଢ଼ୁଚି···"

ଏହିପରି ନାନା ଭଳିର ଅଳି ଅଝଟ ଜଗୁ ପାଖରେ ଆସି ପହଞ୍ଚେ ।

ଜଗୁ ତାର ପାଉଣାପତ୍ର ବିଷୟରେ ଜମା କାହାରି ଉପରୋଧ ରଖେ ନାହିଁ । ଭରିଏ ଗଞ୍ଜେଇ, ଟୋପାଏ ଅଫିମ, ଗୃହଅଣା ଅଣ୍ଟା ଖୋଷା ନ ହେଲେ ସେ କୁଆଡ଼କୁ ଚଳିବ ନାହିଁ । ଏହାଛଡ଼ା କଞ୍ଚାଭାତ, ଗୁଠଲୁଗା, ଦଶଘର ନମିତା ଇତ୍ୟାଦି ଉପୁରି ଲାଭ ରହିଚି ।

ସଧବା ସ୍ତ୍ରୀଲୋକ ମଡ଼ା ହେଲେ ଜଗୁର ଟିକିଏ ଲାଭ ବେଶୀ । ଧନୀଘର ହୋଇଥିଲେ କାନର ନୋଳିଟା, ମଲିକଡ଼ିଟା, କିମ୍ବା ନାକର ଗୁଣାଟା ଆଉ ନ ଥିଲା ଘର ହୋଇଥିଲେ ଗୋଡ଼ ଆଙ୍ଗୁଠିର ରୂପାମୁଦିଟା ଜଗୁକୁ ଖାଇ ଦକ୍ଷିଣା ମିଳେ । ମୁର୍ଦାରଟାକୁ ନିଆଁରେ ଚଢ଼ାଇବା ଆଗରୁ ସେ ତା' ଦେହଟାକୁ ଖିନଭିନ କରି ପରଖି ନେଇ କେଉଁଠି ଅଳଙ୍କାରପତ୍ର କିଛି ଅଛି କି ନାହିଁ ଦେଖେ, ଥିଲେ କାଢ଼ି ରଖେ । ବେଳେ ବେଳେ ମଡ଼ା ଦେହରୁ ନୋଳି, ମଲିକଡ଼ି କି ଗୁଣା, ବସଣି ସହଜରେ ନ ବାହାରିଲେ ଜଗୁ ଭଆଡ଼ି ବିରକ୍ତ ହୋଇ ଦାନ୍ତ କାମୁଡ଼ି ବହୁତ ଟିଙ୍କା ଓଟରା କରି ଅଳଙ୍କାରଗୁଡ଼ାକ ମୁର୍ଦାରର ନାକରୁ, କାନରୁ ଛିଣ୍ଡାଇ ଆଣେ । ନାକଦାଣ୍ଡି ଛିଣ୍ଡିଯାଏ, କାନଟା ଖଣ୍ଡିଆ ହୋଇଯାଏ, ନେଳିଆ ନେଳିଆ ପାଣିଆ ରକ୍ତ ବୋହିଆସି ଶବଟାର ମୁହଁ ଯାକ ସାଲୁ ବାଲୁ ହୋଇଯାଏ; କିନ୍ତୁ ଜଗୁ ଭଆଡ଼ର ସେଥିପ୍ରତି ଖାତିର ନ ଥାଏ । ଏଇଟା ତା'ର ନିତିଦିନିଆ ଦେହ ଘଷିଆ କାମ, ଏକ ପ୍ରକାର ଉପରି ବୃତ୍ତି । ଇମିତି କରି କରି ସେ ପଥର ପାଲଟି ଯାଇଚି ।

ପୋଖତା ମୁର୍ଦାର ମିଳିଲେ ଜଗୁ ଭଆଡ଼ି ଧୋବଳି ଚକଟିଏ ଅଣ୍ଟାରେ ନ ଖୋଷିଲେ କାନ୍ଧକୁ କୋକେଇ ଉଠାଇବ ନାହିଁ । ତା'ପାଉଣାରୁ ଟିକିଏ ଏପାଖ ସେପାଖ ହେଲେ ସେ ବାସିମଡ଼ା କରି ଦେବ ବୋଲି ଧମକ ଦିଏ—ଅନ୍ୟ ମାଲ୍‌ଭାଇମାନଙ୍କୁ ଶିଖେଇ ମଡେଇ ମେଳିବାନ୍ଧି ଅଡ଼ି ବସେ ।

ଟଙ୍କାଟାଏ ମିଳିଗଲେ ଅଦ୍ଧା ଡେଙ୍ଗୁରାର ତାଳେ ତାଳେ ପାଦ ପକାଇ "ରାମ ନାମ ସତ୍ୟ ହେ" ପାଟି କରି ଜଗୁ ଭଆଡ଼ି ବଡ଼ ପଉଆରେ ଦାଣ୍ଡ ମଝିରେ ପାହୁଲ ପକାଇ ଚାଲେ । ତା'ର ମୁଣ୍ଡନ୍ନା ପଥର ପରି କଳା ଦେହରେ ଧଳା ପଇତା ଖିଅକ ଦୂରରୁ ଜକଜକ ଦିଶୁଥାଏ··· ।

Digitized by PPRACHIN, SOA

ତାର ବଡ଼ ପାଟିରେ ଗାଁଆ ସାରା ଉଚ୍ଛୁଳା ପଡ଼େ । ସାହୁଯାକର ମରଦ ମାଇପେ ଆସି ବାଂଡ଼ରେ ଗଦା ହୋଇଯାଂନ୍ତି । ସାନ ସାନ ପିଲାଗୁଡ଼ାକ ଡର ଭୟରେ ଯାଇ ଲୁଚଂନ୍ତି ଘରେ ।

ମଶାଣିରେ ଧୋବା ଗୋଟାଏ ନହୁରୁଣୀରେ ଗର୍ଭିଣୀ ମାଇପିର ପେଟ ଫାଡ଼ି ପିଲାଟାକୁ ବାହାର କରି ଦେଲେ ଜଗୁ ଭଆଇ ଦୁଇଟା ବୁଲା ଖୋଳା ମା' ପିଲା ଦୁହିଁଙ୍କ ଶବ୍ଦପଟାଂରୁ କରି ଶୁଆଇ ଦିଏ । କେବେ କେବେ ପୁଣି ଗୋଟାଏ ଜୁଇରେ ଦୁହିଁଙ୍କ ଲଗାଲଗି କରି ଏକାଠି ଶୁଆଇ ଦେଇ ନିଆଁ ଲଗାଇ ଦିଏ । ଗୋଟାକରେ ଜାଗା ନ ହେଲେ କେଂଚଣାକାଠି ଖଂଡ଼-କରେ ସେ ପିଲାଟାକୁ ଲେଗ୍ କୋଗ୍ କରି ମାଉଁସ ପିଂଡ଼ୁଳାଏ ପରି ଜଳଂତା କାଠ ସଂଧିରେ ଫୋପାଡ଼ି ଦିଏ ।

ଏହିପରି ଖବରେ ଜଗୁ ଭଆଇ ଅମଳ ହେଉଥିବା ଧାନ କେତେ ଭରଣ ବାଦ ବେଳେବେଳେ ଉପୁରି ଦି'ପଇସା ରୋଜଗାର କରି ନିଜେ ଚଳେ, ଘର ଚଳାଏ, ଦବାନବା, ବାହା ବେଭାର କରେ ।

କେହି ତାକୁ ମୁହଁ ଫିଟାଇ କିଛି କହି ପାରଂନ୍ତି ନାହିଁ । ସେ ଗାଁରେ ଜଗୁ ଛଡ଼ା ଅନ୍ୟ ପୋଖତ ଜାଣିଲାବାଲା ବ୍ରାହ୍ମଣ ମାଲଭାଇ ଆଉ କେହି ନାହାଂନ୍ତି ।

କେହି ଲଗୁର ପାଉଣା କମାଇବାକୁ ବସିଲେ ଜଗୁ ନିଜର କୃତିତ୍ୱ ତୁଳନାରେ ସେ ଦାବୀ କରୁଥିବା ପାଉଣା କିଛି ନୁହେ ବୋଲି ନାନା ପ୍ରକାର ଯୁକ୍ତି ଦେଖାଏ । ନିଜର ପଣ୍ଡିଆରୀ ଦେଖାଇବାକୁ ଯାଇ ସେ ଅଣତର ନାନା ଘଟଣାର ପୁନରାବୃତ୍ତି କରି ପ୍ରମାଣ କରେ ସେ ତା' ଭଳି ମୂର୍ଦାର ପୋଡ଼ିବା ଲୋକ ଏ ଜଗତରେ ଦୁଇଜଣ ନାହାଂନ୍ତି । ସେ ଖାଲି ଗର୍ବ ଅନୁଭବ କରେ ।

ଗତ ସାଲେ ନରସିଂହ ମିଶ୍ରଂକ ଭାରିଯାକୁ କମିତି ଢୁ ଢୁ ଅଗ୍ନିକ ମେଘବର୍ଷାରେ ପୋଡ଼ିଦେଇ ଅଇଲା, ଅଇଲାବେଳେ ସାଂଡଗଛୁଆ ତୋଟା ମୁଂଡ଼ରେ କମିତି ଗୋଟାଏ ବେକକଟା ମାଦଳ ହାବୁଡ଼ରେ ପଡ଼ିଲା, ତାପରେ ପୃଷ୍ଣୁମାସିଆ ଶୀତଦିନ ରାତିରେ କମିତି ଜଳଓଦର ବେମାରରେ ମରିଥିବା ନାଥ ବ୍ରହ୍ମାକୁ ପୋଡ଼ିଲାବେଳେ ମୂର୍ଦାର ପେଟରୁ ଦୁଇମାଠିଆ ପାଣି ବାହାରି ଆସି ଜୁଇ ନିଆଁ ନିଭିଇ ଦେଲା, ଜଗୁ ପୁଣି କମିତି କୌଶଳ କରି ଏଡ଼େବଡ଼ ଅସାଧ ମଡ଼ାକୁ ପୋଡ଼ି ପାରିଲା, ଏହିସବୁ ପୁରୁଣା କାହାଣୀଗୁଡ଼ାକ ବଡ଼ ଦକ୍ଷଭାବରେ ସେ ବର୍ଣ୍ଣନା କରିଯାଏ ।

ଜଗୁ ଭଆଇର ଅଭିଜ୍ଞତା ଓ ମୂର୍ଦାର ଡାହା ବିଦ୍ୟାର ଅଗାଧତା ଯେ କେତେ ବେଶୀ ତାହା ଯେ କୌଣସି ଗ୍ରାହକ ତା ସହିତ ଘଡ଼ିଏ କଥାବାର୍ତ୍ତା ହେଲେ ବେଶ୍ ବୁଝି ପାରିବ ।

ରୋଜ ସଂଜବୁଡ଼େ ଜଗୁ ଭଆଇ ଭାଗବତ ଘରେ ବସି ନିଜ ଅନୁଭୋଗ କଥାଗୁଡ଼ାକ ସମସ୍ତଂକ ଆଗରେ ଲେଖାଏଁ କହି ଶୁଣାଏ । ଝିପି ଝିପି ମେଘୁଆ ପାଗରେ ଅନେକ ଶ୍ରୋତା

Digitized by PPRACHIN, SOA

ତାକୁ ଘେରି ବସନ୍ତି । ଗଂଜେଇ ଚଲମରୁ ଦମେ ଟାଣି ଜଗୁ ପଢ଼ିଲୁ ଗୋଟାଏ ଗଳା ଝଂକାର ମାରେ । ଶ୍ରୋତାମାନେ ବୁଝି ପାରନ୍ତି ଯେ ଗପ ଆରମ୍ଭ ହେବ ।

ଥରେ ଗୋଟାଏ ପୋଡ଼ା ମଡ଼ା ତାହା କରି ଫେରିଲାବେଳେ ମୁକ୍ତାଙ୍ଗର ପାଖ ଦୋକାନଆ ଆମ୍ବଗଛ ଡାଳିରେ ବସି ଗୋଟାଏ ପିତାଶୁଣୀ କମିତି ଏଂଗୁଡ଼ା କାଳ ତା' ପିଲାକୁ ଯେକୁଥିଲା—ତାହା ଏକ ନିପୁଣ ଚତ୍ରକର ଭଳି ଜଗୁ ବର୍ଣ୍ଣନା କରିଯାଏ । ଶ୍ରୋତାମାନେ ଡରରେ ଟିକିଏ ଜାକିଜୁକି ହୋଇ କାନ୍ଥକୁ ଲାଗି ବସନ୍ତି ।

ଏହିପରି ଭାବରେ ସେଇ ଶ୍ରେଷ୍ଠ ବ୍ରାହ୍ମଣ ଶାସନଟିରେ ଜଗୁ ଠାଆକୁର ଜୀବନ କଟେ ।

ଅଶିନମାସ ବିତ । ସଂଜବେଳୁ କମିତି ଟିକିଏ ମେଘୁଆ ହୋଇଛି । ଜଗୁ ଠାଆକୁର ମୁଣ୍ଡଟା ଭାରି ବାନ୍ଧୁଥାଏ ନା, କଣ, ସେ ଦୁଇ କାନ ପାଖ କପାଳରେ ଟିପେ ଲେଖାଏଁ କଳିଚୂନ ବୋଳି ମୁଣ୍ଡରେ କଂପୋଟର ଗୁଡ଼ାଇ ଦାଣ୍ଡପଟ ଗୁନ୍ଦୁଣା ଉପରେ ବସି ହରିବଂଶ ଶୁଣୁଥିଲା ।

ଗାଆଁ ଭିତରେ କାନ୍ଦଣା ଶୁଣାଗଲା । ଆଉ ସାହି ଦୋକାନରୁ ପାନଗୁଆଗୁଣ୍ଡି ଧରି କିଏ ଜଣେ ବାହୁଡ଼ୁଥିଲା । ସେ ଖବର ଦେଲା ଯେ ଜଟିଆ ମା ବୁଢ଼ୀର ବୋହୂଟି ମରି ଯାଇଚି ।

ଗୁହୁଁ ଗୁହୁଁ ଗାଆଁ ଗୋଟାକରେ ହୁରି ଶବ୍ଦ ପଡ଼ିଗଲା । ଜଗୁ ଠାଆକୁ ଦି ପଇସା ରୋଜଗାର ହେବ ଭାବି ମନେ ମନେ ଖୁସିଟାଏ ହେଲା ।

କେତେ ଲୋକ ଆସି କେତେ କଥା କହିଗଲେ । ସାହି ମାଇପେ ବାରକଥା ଫୁସୁଫାସ୍ ହେଲେ । କିଏ ସେ କହିଲା "ପାପଗର୍ଭ ହୋଇଥିଲା", ଅନ୍ୟ କିଏ କହିଲା "ପେଟ ଭଂଗେଇବା ପାଇଁ କଣ ଓଷଧ ମଉଷଧ ଖାଇଥିଲା—ବିଷ ଚଢ଼ିଟି ଯାଇ ଦହି ଫଳ ଗଲା ।"

ଜଗୁ ଠାଆକୁ ଗୁମ୍ ହୋଇ ସବୁ ଶୁଣିଲା, ମୁହଁ ବଂକେଇ ଦେଲା । ଜାତରେ ଅଟକ ହେବା ଭୟରେ ସେ ଏଡ଼େ ବଡ଼ ରୋଜଗାରର ସବୁ ଆଶା ଛାଡ଼ି ଦେଲା ।

ଜଟିଆମା ବୁଢ଼ୀର ସଂସାରରେ କେହି ନାହିଁ—ଶାଶୁ ବୋହୂ ଦି'ଜଣ । ପୁଅଟି ହେବାର ମାସକ ପରେ ପୁଅ ଯାଇଥିଲା କଲିକତା—ଟଂକା ରୋଜଗାର କରି ଦେଣା ଶୁଝିବ ବୋଲି । ତନବର୍ଷ ହେଲଣି କିଛି ଖୋଜଖବର ନାହିଁ । ପ୍ରଥମେ ଚଠି ଖଂଡ଼େ ଖଂଡ଼େ ଦଉଥିଲା । ତାଂରୁ ବର୍ଷେ ହେଲା ସେତକ ବି ବନ୍ଦ । ସେ ଗାଆଁର କେତେକ କଲିକତା ଫେରନ୍ତା ବ୍ରାହ୍ମଣ ପୁଅଙ୍କ କହନ୍ତି ଯେ ସେ କେଉଁଠି ଗୋଟାଏ ମାଇକିନିଆ ଧରି କଲିକତା ମାଟିଆ ବୁରୁଜରେ ରହୁଚି । ଘରେ ଥିଲା ଖାଲି ବୋହୂଟି । ଆଜି ସେ ବି ଗଲା, ସଙ୍ଗେ ସଙ୍ଗେ ବୁଢ଼ୀ ମୁଣ୍ଡରେ ଲଦି ଦେଇ ଗଲା କାଳକାଳକୁ ଅପବାଦର ବୋଝ । ବୁଢ଼ୀ ବ୍ରାହ୍ମଣୀର ମୁଣ୍ଡରୁ ହାତ ଛାଡ଼ୁନାହିଁ ।

Digitized by PPRACHIN, SOA

ତାର ଅବସ୍ଥା ସେ ଦିନ ଗାଆଣି ଗାଇଲେ ସରି ନ ଥାଂତା, କିଂତୁ କେତେଜଣ ଗାଆଁର ମୁରବି ମଣିଷ ବାହାରି କଥାଟାକୁ ସମ୍ଭାଳି ନେଲେ । ବଡ଼ ବଡ଼ ମୁରବିମାନେ ବୋହୂକୁ ଆଗରୁ ଯାବତା କରି ନ ଥିବା ଯୋଗୁଁ ଜଟିଆମାକୁ ଗୁଡ଼ାଏ ଗାଳିମଂଦ ଦେଲେ ମଧ୍ୟ ଶେଷକୁ ଫଇସଲ୍ କରିଦେଇ କହିଲେ, ଜଲଦି ଲାସ ଖତମ କରି ଦେବାକୁ ହେବ । ନୋହିଲେ ଗ୍ରୁଟିଆ ଥାନାରେ ଖବର ଦେଲେ ଗୋଟା ଶାସନ ନାଆଁରେ କଳଂକ ରହିବ, ସମସ୍ତେ ତ ପୁଣି ଝିଅବୋହୂ ଧରି ଘର କରିଛଂତି ।

ଜଟିଆମା ବୁଢ଼ୀ ଦାଂତରେ କୁଟା ଦେଇ ସମସ୍ତିଂକୁ କୋଟି ପ୍ରଣାମ କଲା । ତାକୁ ଏ ଘୋର ବିପଦରୁ ରକ୍ଷା କରିଥିବା ଯୋଗୁଁ ସମସ୍ତଂକ ପାଖରେ କେତେ କୃତଜ୍ଞତା ଜଣାଇଲା ।

ମଢ଼ା କାଂଧେଇବା ପାଇଁ ଗାଆଁର ତିନ ଚାରି ଜଣ ଟୋକା ଆଗଭର ହୋଇ ବାହାରିପଡ଼ିଲେ । ପାଲ ଦଉଡ଼ି ବଳା ହେଲା, କୋକେଇ ସଜଡ଼ା ହେଲା, କୁଳା, ଝାଟି, ଶିକା, ଗୁଂଚୁଣୀ, କାଠବାଡ଼ି ସବୁ ଆସି ଦାଂଡ଼ରେ ଥୁଆ ହେଲା । ମୂର୍ଦାର ଉପର ମୁଂଡ଼ରେ ଲୁଗା ଗୁଡ଼ାଇ ସମସ୍ତେ ତାକୁ ଟେକି ଆଣି କୋକେଇରେ ବାଂଧିଲେ । ମାତ୍ର ଜଣେ ପୁରୁଷ କାନ୍ଧ ନ ହେଲେ ନ ଚଳେ । ଅଧଘଂଟାକ ଭିତରେ ଲାସ ଖତମ ନ କଲେ ବିପଦର ଆଶଂକା; ଥାନା ବାବୁ ଖବର ପାଇବେ ତ ଗାଆଁସାରା ସମସ୍ତେ ବଂଧା ହୋଇ ଯିବେ । ଗାଆଁରେ ତ ଖଟୁଆ ଲୋକର ଅଭାବ ନାହିଁ ।

ମୁରବିମାନେ କହିଲେ—'ଜଗୁଆଡ଼ିଂକୁ ଡାକ । ଜଗୁଆଡ଼ି ନ ଗଲେ ଏଡ଼େ ବଡ଼ କାମ ସୁରୁଖୁରୁରେ ତୁଟିବ ନାହିଁ ।

ଜଗୁଡ଼ିଆଡ଼ି ପାଖକୁ ଡକରା ଗଲା, ମାତ୍ର ଜଗୁଡ଼ିଆଡ଼ି ଅମଂଗ । ସେ ଏକା ଜିଦ୍ ଧରି ବସିଲା । କହିଲା—"ପାପଗର୍ଭ ହୋଇ ମରିଚି । ମୁଁ ସେଇଟାକୁ ଛୁଇଁବି ? ଅସତୀ ଦୋଗୁରୁଣୀଟାକୁ ମୁଁ କାଂଧରେ ବସେଇବି ?"

ସମସ୍ତେ ଫାଟିଫୁଟି ଗଲେ । ଜଗୁ ଅଟଳ, ଅଟଳ ।

ଶେଷରେ ଗାଆଁର ବୁଢ଼ା ବୁଢ଼ା ମୁରବିମାନେ ବହୁତ କୁହାବୋଲା କରିବାରୁ ଜଗୁଡ଼ିଆଡ଼ି ମୂର୍ଦାର କାଂଧେଇବାକୁ ରାଜି ହେଲା; ମାତ୍ର ପାଂଚଟଂକା ନ ପାଇଲେ ସେ ଏତେବଡ଼ ପାପକର୍ମ କରି ପାରିବ ନାହିଁ ବୋଲି ସଫା ଜଣାଇ ଦେଲା । ଜଟିଆମା ବୁଢ଼ୀର ସବୁଗାତ ଖୋଳା ହୋଇ ଯାହା ବାହାରିଲା ତାହା କାଠ, କିରାସିନ ଆଦି ଭଂଡ଼ାରିକୁ ନଅଂଟ । ଶେଷରେ କଥା ତୁଂଡ଼ିଲା ବୋହୂ ନାକଟିରେ ଯେଉଁ ସୁନା ଗୁଣାଟି ଅଛି, ସେଇଟାକୁ ଜଗୁଡ଼ିଆଡ଼ି ପାଇବ ।

ଜଗୁଡ଼ିଆଡ଼ି ଖୁସିହୋଇ ଡାକ ଛାଡ଼ିଲା—"ରାମନାମ ସତ୍ୟ ହେ !"

Digitized by PPRACHIN, SOA

ମଶାଣି ପଦା—ସଂତସଂତିଆ, ଅସ୍ପ । ହାଂଡ଼, କାଠ, ମଣିଷମୁଂଡ଼, କୁଳ, ଆଟିକା, ପୋଡ଼ାଅଂଗାର ଭିତରେ ଗଦା ଗଦା ପାଉଁଶ ! ଗୁରିଆଡ଼୍ ଭାସି ଆସୁଚ ଗୋଟାଏ ବକଟ ଆଁଇଷିଣିଆ ଗଂଧ !

'ପଥଗ୍ରାଜ' ମଇଲା । ଜଗୁଡ଼ିଆଡ଼ ଗୋଟାଏ ମସ୍ତବଡ଼ ଚୁଲି ଖୋଳିଲା । ତା'ପରେ ମୁର୍ଦାରଟାକୁ ନେଇ କାଠ ଗଦା ଉପରେ ଚତ୍କରି ଶୁଆଇ ଦେଇ ତା ମୁହଁରୁ ଲୁଗା କାଢ଼ି ଦେଲା !

ସୁ'କା ଭରି ଓଜନର ସୁନା । ଲଂଠଣ ଆଲୁଅରେ ଜଗୁଡ଼ିଆଡ଼ ଦେଖିଲା ଗୁଣାଟା ମୁର୍ଦାରର ନାକ ଉପରେ ଚକ୍ ଚକ୍ କରୁଚ !

ମେଘ କଟିଯାଇ ଆସ୍ତେ ଆସ୍ତେ ଜହ୍ନ ପଡ଼ୁଚ, ମୁର୍ଦାରର ଶେତା ଧଳା ମୁହଁ ଉପରେ ଜହ୍ନ ଆଲୁଅର ଝ୍‌ପସା ଗୁଇ ।

ସଂଗୀ ଭାଇମାନେ କହିଲେ "ଜଲ୍‌ଦି ଜଲ୍‌ଦି କାମ ସାର । ପୁଲିସ ଆସିବ ତ ସବୁ ଭଂଡ଼ୁର ହୋଇଯିବ !"

ଜଗୁ ଗୁଣାଟାକୁ ନାକରୁ ଛିଂଡ଼ାଇ ଆଣିବାକୁ ହାତ ବଢ଼ାଇଲା ! ସେ ଦେଖିପାରିଲା ଶ୍ରେଷ୍ଟ ବୋହୂଟିର ଫିକା ମୁହଁଟି ଜହ୍ନ ଆଲୁଅରେ ଗୋଟିଏ ଦରମଉଳା କଇଁଫୁଲ ପରି ଦେଖା ଯାଉଚ ! ତା' ମୁହଁ ଗୁରିପଟେ ଘେରି ରହିଚ ଗୋଟାଏ କଳା କଳା କୁଂଚକୁଂଚିଆ ବାଳର ଜଂଗଲ । ଠିକ ଯେମିତି ଆକାଶର ଗୁଂଦ ପଛଆଡେ ଜମି ରହିଚ କଳା ମେଘର ବହଳିଆ ଗୁଇ ।

ବୋହୂଟିର ମୁହଁ ଉପରେ ପହଁରି ପହଁରି ଖେଳୁଚି, ମଉଳା ଫୁଲର ଲାବଣ୍ୟ ! ! ତାର ଅଲଗା ସଲଗା ବାଳଗୁଡ଼ିକ ଉପରେ ଜହ୍ନ ଆଲୁଅ ନାଚିଡ଼ ଭାଂଗି ଲାଂଗି ହୋଇଟି ଯାଉଚ ।

ଜଗୁ ହାତ ଫେରାଇ ଆଣିଲା ; ତା' ପରେ ସେ ଅନାଇଲା ଆକାଶରେ ଫିକା ଜହ୍ନଟା ଆଡ଼କୁ ।

ଜଗୁ ଇମିତି ଅନେକ ମୁର୍ଦାର ପୋଡ଼ିଚ । କିଂତୁ କେବେ ହେଲେ ଦିନେ ସେ ମନ ଭିତରେ ଇମିତି ଝଡ଼ ଅନୁଭୋଗ କରିନାହିଁ । ଏହି ଶ୍ରେଷ୍ଟ ସୁଂଦର ମୁହଁଟିକୁ ଅସୁଂଦର କରି ସୁନାର ଗୁଣାଟାକୁ କାଢ଼ି ଆଣିବାକୁ ତାର ହାତ ଚଳିଲା ନାହିଁ । ବୋହୂଟିର ନାକଟି ଉପରେ ସେ ଗୁଣାଟା ତା' ଆଖିରେ ଭାରି ଚମତ୍କାର ଦେଖା ଯାଉଥିଲା । ସେ ଏହି ନାକଟି ସଂବଂଧରେ କେତେକ କଣ ମନ ଭିତରେ ଭାବି ଯାଇଥିଲା !

ଏହି ସମୟରେ ଜଗୁର ମନେ ପଡ଼ିଲା, ଆଉ କିଛି ଦିନ ଯାଇଥିଲେ ବୋହୂଟି ହୁଏତ ହୋଇଥାଂତା ଗୋଟିଏ ମାଆ । ଆଉ ହୁଏତ କେତେ କଣ ସେ ହୋଇ ପାରିଥାଂତା, କିଂତୁ କିଛି ସେ ହୋଇ ପାରିଲା ନାହିଁ ।

କାହାର ଦୋଷ ?

Digitized by PPRACHIN, SOA

ଛୁପି ଛୁପିକା ଜହ୍ନ ଆଲୁଅର ଅସରଂଢ ସମୁଦ୍ର ମଝିରେ ନିଶୁନ ମଶାଣି ପଦାର ଲଂଗଳା ବୁକୁ ଉପରେ ଶୋଇଥିଲା ଗୋଟିଏ ଦରଫୁଟିଲା ନାରୀ, ଏକୁଟିଆ ! ! ବାସ୍ତବିକ ବଡ଼ ଏକୁଟିଆ ସେ । ମଡ଼ାବୁହା ଜଗୁ ଡଆଡ଼ ତାକୁଇ ନିରେଖି ନିରେଖି ଦେଖୁଥିଲା । ତାର ଅଶିକ୍ଷିତ ଗାଉଁଲି ମନ ନିଜ ଭାଷାରେ ଭାବୁଥିଲା—ବାସ୍ତବିକ ଭାରି ଏକୁଟିଆ ସେ, ଖାଲି ଆଜି ନୁହେ, ଜୀବନସାରା ଧରି ସେ ଇମିତି ଏକାକିନୀ । ଏଇ ନିଘୁଟିଆ ଦହଦଘିଆ, ଏକ ଘରକିଆ ଜୀବନକୁ ବଦଳାଇ ଟିକିଏ ଅନ୍ୟ ପ୍ରକାର କରି ବଂଚିବାର ସ୍ୱାଦ ଅନୁଭବ କରିବାକୁ ଯାଇ ସେ ଆଜି ହୁଏତ ହୋଇଛି ମଶାଣିର ମଡ଼ା ! ବୋହୂଟିର ପାଉଁଶିଆ ମୁହଁ ଭିତରେ ସେ ଦେଖି ପାରିଲା ଅନେକ ଦିନର ବଂଚିବାର କ୍ଷୁଧା ।

ଜଗୁକୁ ଡେରି କରୁଥିବାର ଦେଖି ସଂଗୀ ମାଲଭାଇମାନେ ବିରକ୍ତ ହେଲେ । ଧମକ ଦେଇ କହିଲେ—"ତୁ ଇମିତି ଡେରି କଲେ ଆମେ ମୁର୍ଦାର ଫୁର୍ଦାର ଛାଡ଼ି ପଳାଇ-ଯିବୁ । ପୁଲିସ ଆସିବ ତ କିଏ ଦାୟୀ ହେବ ? ନେ—ତୋ ଗୁଣାଟା ବାହାର କରି ନେ । ନୋହିଲେ ଆମେ ନିଆଁ ଲଗାଇ ଦେବୁ । ଗୁଣାଟା ନେବୁ ବୋଲି ତ ମରି ଯାଉଥିଲୁ, ଇଲିଗେ ଇମିତି ହାତ ଚଳୁନାହିଁ କିଆଁ ?"

ଜଗୁ ଡଆଡ଼ର ସ୍ୱପ୍ନ ଭାଂଗିଗଲା । ସେ ବଡ଼ ଲଜ୍ଜିତ ବୋଧ କଲା । ତଥାପି ଭିତର ଦୁର୍ବଳତାକୁ ଗୁପି ରଖିବା ପାଇଁ ସେ ବାହାରେ ପ୍ରକାଶ କଲା—

"ଛି ! ଛି ! ଏ ମୁର୍ଦାର ଗୁଣାଟାକୁ ମୁଁ ଘରେ ଭର୍ତ୍ତି କରିବି ? ସେ ଯେ ପାପ ଗର୍ଭ—"

ସଂଗୀମାନେ ପଚାରିଲେ, "ତୁ ତେବେ ନବୁ ନାହିଁ ? ଆମେ ନିଆଁ ଲଗାଉଛୁଁ ?"

ଜଗୁ ଡଆଡ଼ ଅନ୍ୟମନସ୍କ ଭାବରେ ଜବାବ ଦେଲା—"ହଁ, ହଁ, ନିଆଁ ଲଗାଇ ଦିଅ । ଭଲ କରି ନିଆଁ ଲଗାଅ । ସବୁ ଯିମିତି ଜଳି ପୋଡ଼ି ପାଉଁଶ ହୋଇଯିବ ।"

ହୁରୁ ହୁରୁ ହୋଇ ନିଆଁ ଜଳି ଉଠିଲା । ନିଆଁର ଲକ୍ ଲକ୍ ଜିଭ ନିମିଷକେ ସବୁ ଗ୍ରାସି ନେବାପାଇଁ ବସିଥିଲା । ବୋହୂଟିର ଗୋରା ମାଉଁସିଆ ଦେହଟା ନିଆଁରେ ସିଝି କଳାକାଠ ପଡ଼ିଗଲା, ତା'ପରେ ଫୋଟକା ହୋଇ ସେଥିରୁ ପରସ୍ତକୁ ପରସ୍ତ ଚେପା ଛାଡ଼ିଗଲା ।

ଜଗୁ ଡଆଡ଼ ନିସ୍ତବ୍ଧ ହୋଇ ସେଇ ପୋଡ଼ି ଯାଉଥିବା ଦେହଟା ଆଡ଼କୁ ଚାହିଁଥିଲା ।

ଦୂର କୋଚିଲାବୁଦା ଉପରେ ପେଚା, ଶାଗୁଣା ଆଉ ଭୂଇଁକୁକୁଡ଼ାମାନଂକର ହାଟ ବସିଥିଲା । ଅନେକ ଦୂରରୁ ଧାନବିଲ ଆରପାରିରୁ ଏଇ [illegible]ରେ ଭାସି ଆସିଲା ଗୋଟିଏ ଅଂଜିରା ବିଲୁଆର କାନଫଟା ଭେକିଲାରଡ଼ି ।

ଅସ୍ନା—ଅଂଧାର—ହାଡ଼, ପାଉଁଶ, ଅଂଗାର । ଜୁଇ ଭିତରୁ କିମିତି ଗୋଟାଏ ପଚା ପୋଡ଼ା ଗଂଧ ପବନରେ ଭାସି ଆସି ଚାରିଆଡ଼େ ବଂଚି ହୋଇଗଲା ।

Digitized by PPRACHIN, SOA

ସଂଗୀ ଭାଇମାନେ ଜଗୁକୁ ଉଦ୍ଦେଶ୍ୟ କରି କହିଲେ—"ତୁ ସେଇ ଦୋଗୁରୁଣୀଟାର ଅଳଙ୍କାରଗୁଡ଼ାକ ତୋର ପିଲାଛୁଆ ଘରେ ଭର୍ତ୍ତି ନ କରି ଖୁବ ଭଲ କରିଚୁ ଭାଇ । ବଡ଼ ଅମଙ୍ଗଳ ହୋଇଥାଆନ୍ତା ତୋର । ଦେଖୁନୁ କେମିତି କଲବଲ ହୋଇ ମଲା ? ନିଜ ପେଟର ପିଲାଟାକୁ ଯେ ମାରିବାକୁ ଯାଉଥିଲା, ନକେ ସେ ମରନ୍ତା ନାହିଁ ? ଧର୍ମ କଣ ନାହିଁ ?"

ସେଇ କଳନ୍ତା ପାଉଁଶ ଭିତରେ ଆଖି ବୁଲାଉ ବୁଲାଉ ବିରକ୍ତ ହୋଇ ଜଗୁ କହିଲା—"ଥାଉ, ଥାଉ, ଅନ୍ୟକୁ ବିଚାର କରନାହିଁ । ମଣିଷ କଣ ମଣିଷକୁ ଠିକ୍ ବୁଝିପାରେ ?"

Digitized by PPRACHIN, SOA

ମଲା କଇ

ଉଦ୍‌ଉଦିଆ ଦୁପହର ।

ଝାଁଇଁ ଝାଁଇଁ ଝରା ପବନରେ ଗଛ, ବୁଦା, ନଟୀ, ପତର, କଂଟା, ଅରମା ସବୁ ଆଲୁଳା ହୋଇ ଆଉଜି ପଡ଼ୁଚଂତି । ବୁଦ୍‌ବୁଦ୍‌କିଆ ଟାଂଗି ଭୂଇଁର ବୁକୁ ବିଦାରି ବହୁଦୂରରୁ ଭାସି ଆସୁଚି ଗୋଟାଏ ବଣ କାପ୍ତାର କାଦଂଣା ···।

'ତଂଟିକଣ୍ଠା' ଝର ପାଖରେ ଗୋଟାଏ ଆଂବଗଛ ମୂଳରେ ବସି ଲୋଚନା ଖଂଡେ ଟିଣ ବାଡ଼େଇ ଚଢ଼େଇ ଉଡ଼ଉଚି । ଆଗରେ ପାଚିଲା ଖେତ—ହଳଦିଆ ଧାନଗଛ ଉପରେ ପହଁର ପହଁର ଖେଳୁଚି ମୁକୁଳା ପବନର ଢେଉ ।

ସେ ହାତରେ ଧରିଚି ଗୋଟାଏ ତାଳପତ୍ର ଛତା—ସେଥିରେ ଖୋସା ହୋଇଚି ଖଂଡେ ଭଦଭଦଳିଆ ପକ୍ଷି, ଆଉ ଝୁଲୁଚି ଖଂଡେ ଧୂଡ଼ୁକା ସୂତା, ମଝିରେ ମଝିରେ ଲୋଚନା ଧୂଡ଼ୁକା ବଜେଇ ଗୀତ ଗାଉଚି—

'ଉଡ଼ିଗଲା ଗେଂଡ଼ାଳିଆ ଝାଡ଼ିଦେଲା ପର,
ତୁ ଛାଡ଼ିଲୁ ବାପ, ଭାଇ, ମୁଁ ଛାଡ଼ିଲି ଘର ।
ସାବାସେ—ବେଶ୍ ବେଶ୍ ଲୋ ।'

"ଗୋଟାଏ ଆଂବ ପାରିଦେବୁ ?"

ଲୋଚନା ଗୀତ ବଂଦ କରି ଚମକି ପଡ଼ିଲା । ପଛକୁ ଫେରି ଚାହିଁଲା କଂସା ଖଂଡେ ଧରି ସୁଂଦରୀ ଛିଡ଼ା ହୋଇଚି ।

"କିଏ, ସୁଂଦରୀ କିଲୋ, ଏତେବେଳେ କୁଆଡ଼େ ମ ?"

"ବାଆ ନାଗି ଭାତ ନେଇ ଯାଇଥିଲି ଯେ ଫେରୁଚି । ଗୋଟିଏ ଆଂବ ପାରି ଦଅଂତୁ ?"

ସୁଂଦରୀ ଖଂଡେ ଚିରା ଲୁଗା ଗଂଠେଇ ପିଂଧିଥିଲା । ମୁଂଡର ଅଲଗା ସଳଖ ଲୁଖୁରା ବାଳଗୁଡ଼ାକ ପଣତ ଫାଟରେ ବାହାରି ଆସି ଝୁରୁ ଝୁରୁ ହୋଇ ଏଣେ ତେଣେ ଉଡ଼ୁଥିଲା । ବେକର କାଇଁଚ ମାଳିଟା ତାର ପୋତି ହୋଇ ଯାଇଥିଲା ସେହି ମୁକୁଳା ବାଳଗୁଡ଼ାକ ଭିତରେ ।

Digitized by PPRACHIN, SOA

ଲୋଚନା ଟିକିଏ ଝାହୁଲି କରବା ଲଗି ଉପରକୁ ହାତ ଦୁ'ଟା ବଢ଼ାଇ କହିଲା—କାହିଁ, ମୋ ହାତ କଣ ଆଂବଗଛକୁ ପାଉଛି ?

"ମଲା ମରଦ ପିଲା ତୁ, ଗଛ ଚଢ଼ି ଜାଣି ନାହୁଁ ?"

"ନାଁ-ରେ, କାଇଁଗୁଡ଼ାକ ମୋ ହାତମୁଂଡ ପୁଲା ପୁଲା କରି ଝୁଣି ପକାଇବେ !"

ଲୋଚନାକୁ ହଇରାଣ କରିବା ଲଗି ସୁଂଦରୀର ମନ ବଳିଲା ନାହିଁ । ସେ ଟିକିଏ ଖୋଜି ଖୋଜି ଗୋଟାଏ ଚୁଙ୍କି କାଢ଼ି କହିଲା—

"ଏତେ କଥା ପଡ଼ିଛି କିଆଁ ଯେ—ଗୋଟାଏ ଫୋପଡ଼ ଗୁଡ଼ୁନାହୁଁ ?" ସେ ଗୋଟାଏ ଶୁଖିଲା ଆଂବ ବାହୁଂଗା ମାଉଁଟି ଆଣିଲା ।

ଲୋଚନା ଲକ୍ଷ କରି ଫୋପଡ଼ ଗୁଡ଼ିଲା । ଏକା ଥରକେ ପୁଂଜାଏ କି ପାଂଚୁଟା ଆଂବ ଦୁଲଦାଲ ହୋଇ ଝଡ଼ି ପଡ଼ିଲା ତଳେ । ଗଛ ଉପରୁ ବଣି ଚଢ଼େଇଗୁଡ଼ାକ କଚିରିମିଚିରି ଶବ୍ଦ କରି ଫର୍-ର୍ କିନା ଉଡ଼ିଗଲେ ।

ସୁଂଦରୀ ଗୋଟେ କାଂଚ ଆଂବ ଦାଂତରେ ଚୋବାଇ ଚୋବାଇ ମୁହଁ ଆଂବିଳା କରି କହିଲା—"ଉହୁଁ, ଏ ଗୁଡ଼ାକରେ ଜମା ସୁଆଦ ନାହିଁ । ମାଂକଡ଼ଖିଆ ବଂଧ ଉପରେ ଯେଉଁ କାଂଚୁଆଇ କଦଳିଆ ଆଂବ ଅଛି, ସେ ଗଛ ଆଂବ ଭାରି ଭଲ । ସେଥିରୁ ଫାଳେ ଆଂବ ହେଲେ କାଂସାଏ ପଖାଳ ଚୋଂଚ ହୋଇ ଯିବ ପରା !"

ଲୋଚନା ସୁଂଦରୀ କଥାର ଉଦ୍ଦେଶ୍ୟ ବୁଝିଲା; ମାତ୍ର ତାକୁ ଉତ୍ସାହ ଦେବା ପାଇଁ ତାର ସାହସ ହେଲା ନାହିଁ । ସେ ଜାଣେ ମାଂକଡ଼ଖିଆ ସେଠାରୁ ପ୍ରାୟ ପାଏ ବାଟ ଦୂର—ଯିବା ଆସିବାକୁ ନିତାଂତ କମରେ ଘଡ଼ିଏ ଲାଗି ଯିବ । ଇଆଡ଼େ ତାର ସାଆଂତେ ଗୁଡ଼ାଖୁ ଘଷି ଘଷି ଇଲାଗେ ବିଲ ଆଡ଼ୁ ମୁହଁ ହାତ ଧୋଇ ଆସିବେ ।

ସେ କଥାଟାକୁ ବାଆଁରେଇ ଦେଇ କହିଲା—"କାଲି ସକାଳେ ସହଳ ସହଳ ଆସିଲେ ମାଂକଡ଼ଖିଆରୁ ଆଂବ ପାରି ଦେବି ।"

ସୁଂଦରୀ 'ହଁ' ଭରି ଆଂବ ଖାଇ ଖାଇକା ସେଠାରୁ ହଲି ହଲି ବାହାରିଗଲା ।

ଲୋଚନା ପୁଣି ଟିଣ ବାଡ଼େଇ ବାଡ଼େଇ ଚଢ଼େଇ ଘଉଡ଼ିଲା—ହୋ-ହୋ-ହୋ···

ନିତି ନିତି ଲୋଚନାକୁ ଇମିତି ସୁଂଦରୀର କିଛି ନା କିଛି ଫରମାସ ତୁଲେଇବାକୁ ପଡ଼େ । କେଉଁ ଦିନ ନଟାର ଗୁଂଜରପୋକ ଧରିଦେବା ପାଇଁ ବରାଦ ଆସେ ତ, କେଉଁଦିନ କୋଇଲଖିଆ ସୂତାରେ ଫାଂସ କରି ବାହୁଣିଆ ବେଂଗ ଧରି ଦେବାଲଗି ଫରମାସ ଆସେ । ଲୋଚନା ଖାଉଂଦି ଘରର କାମ ଧାଇଁଟି ଫାଂକରେ ଯେତେ ଦୂର ପାରେ ଏହିସବୁ ଶ୍ଳେଷ୍ଟ ଶ୍ଳେଷ୍ଟ ବରାଦଗୁଡ଼ିକର ମର୍ଯ୍ୟାଦା ରକ୍ଷା କରେ ।

ଲୋଚନା ଓ ସୁଂଦରୀ ସାଙ୍ଗ ପଡ଼ିଶା—ରୋଜ ସକାଳୁ ଉଠିଲେ ମୁହଁ ଚିହ୍ନା-ଚିହ୍ନି, ମୁରକି ହସା, ପୁଣି ରୁଷାକରୁ, ମୁହଁ ଫୁଲାଫୁଲି । ତଥାପି ଏଇ ସ୍ନେହର ଅତ୍ୟାଚାର ଭିତରେ ଦିହେଁ ବଢ଼ି ବଢ଼ି ଆସି ଚଉଦ ଆଉ ଏଗାର ବର୍ଷରେ ପାଦ ଦେଲେଣି ।

Digitized by PPRACHIN, SOA

ବାଦ୍ଧି ଆଉ ବନ ବନ୍ତ ସଖାଙ୍କୁ ସୁଂଦଶ୍ରୀ ଭଳିଁଚ କୋଳି ତୋଳିବାକୁ ତା ସାଂଗେ ଅପଣା ଆଉ ସେରେଂଗଙ୍କୁ ଧରି ନଟାକୁ ଯାଇଥିଲା । ଭଲ ହୋଇ ଫରଚ୍ଛ ହୋଇ ନ ଥିଲା, ମୁହଁ ଅଂଧାର । ଗାଆଁ ମୁଂଡ଼ର ଗୋଟାଏ ଗଛ ଉପରେ ବସି ଚଉକିଦାର ତୋମ୍‌ଲି ଖାଁର ଗଂଜାଟା ଚୁଲ ଝାଡ଼ି ଡାକ ପାଉଥିଲା—ଚ-କ-ଧ-ର୍-ର୍-ଖ-ଅ—”

ଲୋଚନାର ଆଜି ମାଂକଡ଼ଖିଆ ବିଲ ଜଗିବାର ପାଳି । ସେ ଖଂଡ଼େ ଦାଂତକାଠି ଗ୍ରେବାଇ ଗ୍ରେବାଇ ଅଂଟିରେ ଅଂଟିଏ ଗୁଡ଼ୁଲଭଜା ପୂରେଇ ବିଲକୁ ବାହାରିଗଲା । ଖଂଡ଼େ ଦୂର ନ ଯାଉଣୁ ଗୋଟାଏ ଫିଶକ କଂଟା ମାଡ଼ି ପକାଇ ଗୋଇଠିଟା ତାର ଲହୁ ଲୁହାଣ ହୋଇଗଲା । ସକାଳୁ କାହା ମୁହଁ ଗ୍ରହିଁ ଉଠିଥିଲା ସେ ଆଜି କେଜାଣି !

ବିଲ ପାଖରେ ପହଂଚବା ବେଳକୁ ଦଅଁ ଉଠିଲେଣି । ଗୋଟେ ନାଲି ଟହଟହ କଅଁଳା ବାଛୁରୀ ପରି ହଠାତ୍ ପାହାଡ଼ ତଳରୁ ସୂର୍ଯ୍ୟ ଦେବତା ଆକାଶ ଉପରକୁ ଡେଇଁ ପଡ଼ିଲେ ।

ଲୋଚନା ଲଉଟାକୁ ଛେଲ ପକାଇ ଅଂଟିରୁ ଗୁଡ଼ୁଲଭଜା ଗଂଡ଼ାକ କାଢ଼ି ଖାଇଲା । ତା'ପରେ ପେଟେ ନାଲପାଣି ପିଇ ସବୁ ଦନ ପରି ଚଢ଼େଇ ଘଉଡ଼ିବାକୁ ଲାଗିଲା, “ହୋ-ହୋ-ହୋ-……”

ଘଡ଼ିଏ ବେଳ ଉତ୍ତାରୁ ସୁଂଦଶ୍ରୀ ଆସି ପହଂଚିଲା । ଆଁଖୁ କୋଳି ଖାଇ ଖାଇ ଓଠପୁଡ଼ା ଦଟା ତାର ଲାଲିଆ ଟହଟହ ଦିଶୁଚି । ମୁଂଡ଼ରେ ଖୋସିଚି ସେ ମୁଂଡ଼େ କୋରୁହାଁ ଫୁଲ । ତା ବେକରେ କାଇଁଚ ମାଳଟା କଂଟାରେ ଟାଣି ହୋଇ କମିତ ବେହୁସିଆର ଭାବରେ ଛୁଂଡ଼ି ଯାଇଚ । ବେକୁଟା ଦିଶୁଚି ଠିଆ ଲଂଗଳା ।

“ଆଂବ ପତ୍ରା ପାଉ ଦେବୁ ବୋଲି କହିଥିଲୁ ?” କଳା ଦାଂତ ଦ'ଧାଡ଼ିକ ଦେଖେଇ ସୁଂଦଶ୍ରୀ ପଗ୍ରରିଲା ।

ଲୋଚନା ଗ୍ରହିଁ ଦେଖିଲା, ପଠାଣିବେକୀ ସୁଂଦଶ୍ରୀ । ତା ଭିତରର ଦୁଷ୍ଟାମି-ହୋ-ହୋ ହୋଇ ହସି ଉଠି କହି ପକାଇଲା—“ପଠାଣିବେକୀ—ଦହିସୁଡ଼ୁକୀ—ସିଂଘାଣିନାକୀ… ଛି, ଛି !”

ଅପଣା ଆଉ ସେରେଂଗ ଟେଁ ଟେଁ କରି ହସି ପକାଇଲେ । ସୁଂଦଶ୍ରୀର ସଫା ମୁହଁଟା ହଠାତ୍ ନାଲି ପଡ଼ିଗଲା । ସେ ରାଗରେ ଫୁଲି ଫୁଲି ଲୋଚନାକୁ କଣ ଗାଳି ଦବାକୁ ଯାଉଥିଲା । କଂଉ ନଜକୁ ସଂଭାଳି ନେଇ ମୁହଁ ଫଣ୍ ଫଣ କରି କହିଲା—

“ଆଂବ ପାଉ ଦବୁ କି ନାହିଁ କହିଲୁ, ମୁଁ ଯିବି । କେତେ ଟ୍ରେଁପିରା ହଉଚୁ ?”

ଲୋଚନା ସୁଂଦଶ୍ରୀକୁ ରାଗିବାର ଲକ୍ଷ୍ୟ କରିଥିଲା । ସେ ତାଙ୍କୁ ଆଉରି ଚଢ଼େଇବା ଲାଗି କହିଲା—

“ତୁ ମତେ ବଦଳରେ ଦ'ଟା କୋଳି ଦବୁନା ?”

ସୁଂଦଶ୍ରୀ ଅଂଟିରେ ଜମା କୋଳି ନ ଥିଲା । ସବୁ ସେ ଇଆ ଭିତରେ ଖାଇ ସାରିଥିଲା । ସେ ଖୁଚ୍ଚା ଅଂଟିଟାକୁ ଲୋଚନା ଆଗରେ ଝାଡ଼ିଦେଲା ।

Digitized by PPRACHIN, SOA

ଛୁଗୁଲେଇ ହୋଇ ଲୋଚନା କହିଲା—"ତୁ ସବାଖାଇକ କଣ କିଛି ଅଂଟିବ କି ?

ସୁଂଦରୀ ରାଗ ବେଶି ହୋଇଗଲେ ସେ ନାକରେ କାଂଦ ପକାଏ । ସେହି ରାଗରେ କାଂଦ କାଂଦ ହୋଇ କହିଲା—

"ଆଂବ ଦ'ଣ୍ଟା ଉଭୁ ନାହିଁ ତା' ହେଲେ—ହଉ !"

ଲୋଚନା ଦେଖିଲା ସୁଂଦରୀ ଭାରି ରାଗି ଗଲାଣି । ସେ ସ୍ୱର ବଦଳାଇ କଅଁଳେଇ କରି କହିଲା—

"ନାହିଁ ମ ନାହିଁ, ଦଉଡ଼—ଟିକିଏ ରହିଥା । ତୁ ରାଗିଗଲୁ କି ?" ସେ ଦୌଡ଼ିଯାଇ ତଳୁ ଗୋଟାଏ ଶୁଖିଲା ଡାଳ ଟୋଟାଇ ଆଣି ଫୋପଡ଼ ତିଆରି କଲା ।

ଅପଣା ଆଂଗୁଠି ଦେଖେଇ କତେଇ ଦେଲା—"ଏଇ ସରଙ୍ଖେ ଯେଉଁ ସୁଂଦରୀ ଆଂବୁଣ୍ଟା ଦୁଉଚି ସେଇଟାକୁ ଝଡ଼ାଇଲି ଦେଖି ।"

ଲୋଚନା ଲକ୍ଷ ଠିକ୍ କରି ଫୋପଡ଼ ମାଇଲା । କିନ୍ତୁ ଆଂବ ଝଡ଼ିଲା ନାହିଁ କି ଫୋପଡ଼ ପଡ଼ିଲା ନାହିଁ ।

ଲୋଚନା ଖୋଜି ଖୋଜି ଆଉ ଗୋଟାଏ ଫୋପଡ଼ ଆଣି ଲକ୍ଷ କରି ଫିଂଗିଲା । ଏଥର ମଧ୍ୟ ଗଛରେ ଫୋପଡ଼ ଲାଖିଗଲା ।

ଅପଣା ଆଉ ସେରେଂଗା ଙ୍କେଁ ଙ୍କେଁ କରି ହସି ଉଠିଲେ । ନାକକାଂଦୁରୀ ସୁଂଦରୀ ବି କାଂଦୁ କାଂଦୁ ଖିଁ କିନା ହସି ପକାଇଲା !

ଲୋଚନାର ମୁହଁ ନାଲି ପଡ଼ିଗଲା । ତାର ଆହତ ପୌରୁଷ ଆଉ ଅଭିମାନ ରାଗରେ ଫୁଲି ଉଠିଲା ।

ସେ ପାଗଲାଂକ ପରି ଦୌଡ଼ି ଯାଇ ସବୁ ଆଡ଼ ଖୋଜିଲା; ମାତ୍ର ଫୋପଡ଼ ପାଇଲା ନାହିଁ । ଶେଷରେ ରାଗରେ ଗୋଟିଏ ଗଦାଗଛ ଉପାଡ଼ି ଆଣି ଆଂବ ଉଦ୍ଦେଶ୍ୟରେ ଫିଂଗିଲା । କିଂତୁ ଚେରମୂଳ ଲଗା ଗଛଟା ଆଂବ ପର୍ଯ୍ୟଂତ ଯାଇ ନ ପାରି ନିଜ ଭାରରେ ନିଜେ ତଳେ କଚଡ଼ି ହୋଇ ପଡ଼ିଲା ।

ସୁଂଦରୀ ପ୍ରତିଶୋଧ ନେବା ପାଇଁ ଆଜ ଖୋଜୁଥିଲା । ସେ ଏହି ସୁଯୋଗରେ ମୁରକି ହସି କହିଲା—"ତୋ ହାତରେ ଝଡ଼ା ଅଛି କି ନାହିଁ । ତୋର ଜମା ନାଖ ନାହିଁ । ଗୁରି ଗୁରି ଥର ଫୋପଡ଼ ମାରି ଆଂବଟାଏ ଝଡ଼ାଇ ପାରିଲୁ ନାହିଁ—ନାକ ମାଡ଼ୁ ନାହିଁ ରେ ତୋତେ !"

ଲୋଚନା ଟିକିଏ ରାଗରେ ସୁଂଦରୀ ଆଡ଼କୁ ବଂକେଇ ବଂକେଇ ଅନାଇଲା; ମାତ୍ର କିଛି କହିଲା ନାହିଁ । ଫେରି ଫୋପଡ଼ ମାଇଲା, ଏଥର ବି ଫୋପଡ଼ ବାଜିଲା ନାହିଁ ।

ଏତିକିବେଳେ ସୁଂଦରୀ ବାଗ ଛଂଡ଼ି ପଦେ ହାଣି ଦେଲା—"ଆମ ସାହି ବନାର ଭାରି ନାଖ । ସେ ହେଇଥିଲେ ଗୋଟାଏ ଫୋପଡ଼ରେ କେତେବେଳୁ ଆଂବ ଝଡ଼େଇ

Digitized by PPRACHIN, SOA

ଧାଅଂଡାଣି । ଏଇଟାର ନାଙ୍କ ଅଛି ନା ଫାଙ୍କ ଅଛି ।" ତାପରେ ତା ସାଂଗମାନଂକୁ ଉଦ୍ଦେଶ୍ୟ କରି କହିଲା—"ଚା'ଲେ ଅପା, ଯିବା—ଛେଳି ଗୋଡ଼ରେ ଯେବେ ଧାନ ମଡ଼ ହୁଅନ୍ତା—"

ଅପନା ହସି ହସିକା ତା କଥାକୁ ସମର୍ଥନ କଲା, ଗଲାବେଳେ ସୁଂଦରଶି ମୁହଁ ମୋଡ଼ି ଆଉ ପଦେ ଶୁଣାଇ ଦେଲା, "ଭଲ ଆଂବ ଖାଇଲି ମୁଁ ଆଜି ସେରେଂଗା ଅପା ! ମୁଁ ଅଲାଜୁକା ନା ଆଉ କିଏ ଅଛି ମ ?"

କଥାର ଧାରଟା ଚାଉଁ କିନା ଯାଇ ଲୋଚନା ଛାତିରେ ଗଳିଗଲା । ସେ ଏଥର ଆଉ ସତକୁ ସତ ନିଜକୁ ସଂଭାଳି ପାରିଲା ନାହିଁ; ରାଗିଯାଇ କହିଲା—

"ଯା—ଯା—ତୋ ବନା ଦଇତା ପାଖକୁ ଯା, ସେଇ ତତେ ଆଂବ ପାରିଦବ । କିଏ ପୁଣି ଆସୁଥିଲା ଯେ ଇଲାଗେ ପାଟିକି !"

ସୁଂଦରଶି ଫେରିପଡ଼ି ଟିକିଏ ଚାହିଁଲା । ତାକୁ କଥାଟା ଭାରି ବାଧିଥିଲା; କିନ୍ତୁ ଲୋଚନା ସଂଗେ କଳି କରିବାକୁ ତାର ଛାତି ପଟେଇଲା ନାହିଁ ଜମା ।

ସୁଂଦରଶିକୁ ଏଭଳି ଅବସ୍ଥାରେ ଦେଖି ମୁଝରା ଅପନା ତା'ପଟିଆ ହୋଇ ଲୋଚନାକୁ ଗରମ ଗରମ ଦି'ପଦ ଶୁଣାଇ ଦେଇ କହିଲା—

"କିଣ କହିଲୁରେ ଅରପେଇସିଆ ! ହାତ କଅଁର ହେଲାରୁ ବଳେଇ ଚେଟ ଚେଟ କରି କାମୁଡ଼ୁଛୁ—ନାଁ ? ହଉ ହଉ ତୁ ସାହାକୁ ଚାଲ, ତୋ ଦମାକ୍ ଭାଂଗି ଦଉଛି ଯେ ମୁଁ ।"

ରାଗରେ ସେ ସୁଂଦରଶିକୁ ଭିଡ଼ି ନେଇ ସେଠାରୁ ଦୁଲୁ ଦୁଲୁ ହୋଇ ଚାଲିଗଲା ।

ତହିଁ ଆରଦିନ ଆଂବ ତୋଟାରେ ସୁଂଦରଶି ସଂଗେ ଲୋଚନାର ଦେଖାହେଲା; କିଂତୁ କେହି କାହାରିକି କଥା କହିଲେ ନାହିଁ । ଲୋଚନା ଆଖି ସୁଂଦରଶି ଆଖି ସଂଗେ ମିଳିଯିବା ସାଂଗେ ସାଂଗେ ସେ ନ ଦେଖିଲା ପରି ତଳକୁ ମୁହଁ ପୋତିଦେଲା । ସୁଂଦରଶି ବି ଅନ୍ୟଆଡ଼କୁ ମୁହଁ ବୁଲାଇ ଦେଇ ଦୁମ୍ ଦୁମ୍ ହୋଇ ଚାଲିଗଲା ।

ଛାଇନେଉଟାଣ ବାଆ ସଂଗେ ପାଚିଲା ଧାନ ଗୋଟାଇ ସୁଂଦରଶି ପୁଣି ସେଇ ବାଟେ ଫେରି ଆଇଲା । ଲୋଚନା ସୁଂଦରଶିକୁ ଦେଖି ନ ଦେଖିଲା ପରି ବେଶି ବେଶି ଟିଣ ବାଡ଼େଇ ଭାରି କାମରେ ବ୍ୟସ୍ତ ଥିଲାପରି ଦେଖେଇ ହେଲା । ନାଟା ଡଗରରେ ଦିହେଁ ଦୁହିଂକର ମୁହାଁମୁହିଁ ପଡ଼ିଗଲେ, ବାଟ ଭାଂଗି ଦେଇ ଅନ୍ୟ ବାଟରେ ଯିବା ଆସିବାର ମଧ୍ୟ ଦେଖାଗଲା । ଦିନ ଯେତିକି ବିତି ଯିବାକୁ ଲାଗିଲା, ବ୍ୟବଧାନଟା ସେତିକି ବଢ଼ିଲା ପଛକେ କମିଲା ନାହିଁ ।

କେତେଥର ଲୋଚନା ଇଆ ଭିତରେ ଭାବିଲାଣି ଯେ, ସୁଂଦରଶିକୁ ଡାକିବ, ମୁଂଡ ଛୁଆଁଇ ତାକୁ ନିୟମ କରାଇବ ଯେ ଆଉ ସେମାନେ କେବେହେଲେ ଅପଡ଼ ହେବେ ନାହିଁ···କିଂତୁ ପାରି ନାହିଁ—ତଂଟି ପାଖରୁ ତାର କଥା ବାହୁଡ଼ି ଯାଇଛି ।

Digitized by PPRACHIN, SOA

ଛି, ଛି, ଏଇ ମେଂଚଡ଼ା ଟୋକୀଟା ପାଖରେ ସେ ଫେର ମୁଣ୍ଡ ନୋଇବ !

ହେଲେ, ପହିଲୁ ପହିଲୁ ଯେଉଁ ଦୁହିଁଂକ ଉପରେ ଯିମିତି ରାଗିଥିଲେ ବର୍ତ୍ତମାନ ଆଉ ମନର ସେ ଉଷୁମ ନାହିଁ । ଦୁହେଁଯାକ କଥାଟାକୁ ଫଇସଲ୍ କରି ନେବାପାଇଁ ବ୍ୟାକୁଳ । କିଂତୁ କିଏ ଆଗ କଥା କହିବ, କିମିତିକା ବା କଥା କହିବ, ଏଇଆହିଁ ହେଉଛି ଦୁହିଂକ ପାଖରେ ସବୁଠାରୁ ବଡ଼ ସମସ୍ୟା । ସୁଂଦରୀଟା କିଂତୁ ଭାରି ହସକୁଡ଼ି । ଆଜିକାଲି ଲୋଚନା ସାଥିରେ ଭେଟ ହୋଇଗଲେ ବାଆଁରେଇ ପଛକୁ ଅନାଇ ସେ ଟିକିଏ ଲୁଚେଇ ଲୁଚେଇ ହସି ନିଏ, କିଂବା ଆଖିରେ ଗୁଂଡ ପଡ଼ିଚି ବୋଲି ବାହାନା କରି କାନିଟାକୁ ମୁହଁପାଖକୁ ନେଇ ଓଠର ହସକୁ ଘୋଡ଼ାଇ ରଖେ ।

ସାହିରେ ବଣଭୋଜି ହେଲେ କିଂବା ଭାଗବତ ଗୋସେଇଁଂକ ପୂଜା ବଢ଼ିଲେ ଯେବେ ଦୁହିଁଂକର ଏକାଠି ରହିବା ଦରକାର ପଡ଼େ ତେବେ ଅନ୍ୟର ମଧ୍ୟସ୍ଥତାରେ କେବେ କେବେ ସେମାନେ କଥା ଭାଷା ହୁଅଂତି । କଥାଟା କହି ସାରିବା ପରେ ଜଣକୁ କିଂତୁ ଲାଜରେ ଜିଭ କାମୁଡ଼ିବାକୁ ପଡ଼େ ।

ଧାନକଟା ପରେ ବିଲ ଉଜୁଆଁ ହୁଏ; ସେଦିନ ସମସ୍ତେ ମିଶି ଭାରି ରଂଧାବଢ଼ା ଖିଆପିଆ କରଂତି । ଚୂଲି ଜାଳି ଭାତ ରାଂଧିବା ଭାର ହୁଏତ ଥାଏ ସୁଂଦରୀ ଉପରେ । କିଂତୁ କାଠରେ ଚୂଲି ନ ଜଳିଲେ ଲୋଚନାକୁ ଶୁଣେଇ ଶୁଣେଇ ସୁଂଦରୀ କହେ—"ନିଆଁ ନଗା କାଠଗୁଡ଼ାକ ଜଳୁ ନାହିଁ ଜମା । କିଏ କୁଟା ଗୋଛାଏ ଆଣି ଦିଅଂତାକି ।" ଏତେ ଲୋକ ଥାଉ ଥାଉ ଲୋଚନା ଯାଇ ଦି ଗୁର ଗୋଛା କୁଟା ଆଣି ସୁଂଦରୀ ଆଗରେ ଭୁସ୍କିନା ଫୋପାଡ଼ି ଦିଏ ତା ପରେ ଗଛ ପତ୍ରକୁ ପଗୁରିଲା ପରି କହେ, "ଆଉ କଣ ଦରକାର ?" ସୁଂଦରୀର ଯଦି ପାଣି ଗରାଏ ଲୋଡ଼ାହୁଏ ତ ସେ ଅପଣାକୁ ଲୋଚନା ଉପରକୁ ଠେଲିଦେଇ କହେ, "କୁହୁନୁ—ପାଣି ଗରାଏ ଆଣି ଦେବେ—ମୁଁ ପରା ଭାତ ଗାରିବାକୁ ଯାଉଚି ।"

ଇମିତିକା ଭାବରେ ଦିନେ ନୁହଁ, ଦି'ଦିନ ନୁହଁ, ବରଷେ କଟିଗଲା । 'କହିବ, କହିବ' ବୋଲି କେହି ଆଉ କାହାରିକି କଥା କହିପାରିଲେ ନାହିଁ । ଇଆ ଭିତରେ ଦିନେ ଅବଶ୍ୟ ଲୋଚନା ସୁଂଦରୀ ସଂଗେ ତାକୁ କଥା କୁହାଇ ଦେବାପାଇଁ ସୁଂଦରୀର ନେଖାଯୋଖା ମାଉସୀପୁଅ ଭାଇ ବକଲାକୁ ଖୁସାମତ କରିଥିଲା । ମାତ୍ର ବକଲା କଥାଟାକୁ ରାଷ୍ଟ୍ର କରିଦେବାରୁ ଲୋଚନାକୁ ସାଂଗପିଲେ ଚିଡ଼େଇବାକୁ ଲାଗିଲେ । ସେଇଦିନୁ ଲୋଚନା କାନମୋଡ଼ି ହୋଇ ଆଉ ଏମିତିକା ଲୋକହସା କାମ ଜମା କରିନାଇଁ ।

ଖୁଦୁରୁକୁଣୀ ! ସାହି ଟୋକାଂକ ମୁହଁରେ ହସ ଧରୁନାଇଁ । ସବୁ ବର୍ଷ ସୁଂଦରୀ ହେଉଁରିକାଂକ ଭାଲୁକୁଣୀ ଗଢ଼ା ହେଲା ବେଳେ ଲୋଚନାର ସାହାଯ୍ୟ ଲୋଡ଼ା ହୁଏ । କିଂତୁ ଏ ବର୍ଷ ଲୋଚନା ଜାଣିଶୁଣି ଦୂରଛଡ଼ା ହୋଇ ରହିଛି । ସୁଂଦରୀ ଭାଲୁକୁଣୀ ତିଆରି ହେବା ପାଇଁ ଅନ୍ୟର ମଧ୍ୟସ୍ଥତାରେ ଲୋଚନାକୁ ଚିକଣା ମାଟି, ହରିତାଳ, ଫୁଲଖଡ଼ି ଆଉ ସୁନେଲି କାଗଜ ପ୍ରଭୃତି ଆଣି ଦବାପାଇଁ ଯେଉଁ କେତୁଟା ବରାଦ ଦେଇଥିଲା, ଲୋଚନା ସେ ତା କରି

Digitized by PPRACHIN, SOA

ନ ଦେଇଚି ତା ନୁହଁ । ସେ ସବୁଗୁଡ଼ିକ କିଣିକି ହାଣ୍ଡିରୁ କାଢ଼ି ଅନ୍ୟ ହାଣ୍ଡିରେ ଯଥା ସ୍ଥାନକୁ ପଠାଇ ଦେଇଚି । ତେବେ ତା ମୁହଁରେ ସବୁ ବର୍ଷ ପରି ହସ ହସ ଭାବ ଆଉ ଉତ୍ସାହ ଜମା ନାହିଁ କହିଲେ ଚଳେ ।

ଏ ବର୍ଷ ଏଇ ଝୁଡ଼ି ଦୁରୁକୁଣୀ ବେଳେ ଲୋଚନାର ମନଟା ବିଶେଷ କରି କାହିଁକି ଭାରି ଖରାପ ହେଲା । ପ୍ରତ୍ୟେକ ପାଳି ବାଲୁଂକା ଉଜୁଆଁ ସାରି ଗାଆଁର ଝିଅମାନେ ନୂଆ ପୋଖରୀ କୂଳରୁ ଫେରି ଆଇଲା ପରେ ଲୋଚନା ଯାଇ ଚଣ୍ଡିଏକାଲ ପୋଖରୀ କୂଳର ସେଇ ବରଓସ୍ତ ବେଦୀ ଉପରେ ଚୁପ୍ ହୋଇବସେ । ତାର ମନେ ପଡ଼େ ପ୍ରତିବର୍ଷ ଏହି ଦିନ ଦିହୁଡ଼ି ଭସାଇଲାବେଳେ ସୁଂଦରୀ କିପରି ତାର ସାହାଯ୍ୟ ଲୋଡ଼େ । ପ୍ରତିବର୍ଷ ଭେଳାଗୁଡ଼ାକୁ ପୋଖରୀ ମଝିକୁ ଠେଲିଦବା ପାଇଁ ସୁଂଦରୀ ଆଉ ତା ସାଂଗମାନେ ଲୋଚନାକୁ ଅନୁରୋଧ କରଂତି । ଲୋଚନା ପାଣିରେ ଝଂପ୍ରି ପହଁରି ଦେଇ ଗୋଡ଼ହାତ ଛାଟି ସମସ୍ତଂକ ଆଗରେ ତାର ପହଁରିବାର ବାହାଦୁରୀ ଦେଖାଏ । ଖାଲି ସେତିକି ନୁହେ ଝୁଡ଼ିଦୁରୁକୁଣୀ ଆଗ ଦିନ ସୁଂଦରୀ ତାକୁ ପୋଖରୀର ସବୁ କଢ଼ି ଫୁଲତକ ତୋଳି ଆଣିବାପାଇଁ ଦୁଇଦିନ ଆଗରୁ ବରାଦ ଦେଇଥାଏ । କାଳେ ଆର ସାହି ପିଲେ ସକାଳୁ ଉଠି ଫୁଲ ନେଇଯିବେ, ସେଥିପାଇଁ ଲୋଚନାକୁ ସେ ରାତି ନ ପାଉଣୁ ଶେଯରୁ ଉଠାଇ ଦେଇ ପୋଖରୀକୂଳକୁ ପଠାଇଦିଏ, ଆଉ ନିଜେ ବି ତା ପଛରେ ଗୋଟାଏ ମସ୍ତବଡ଼ ଲଗି ଧରିଯାଏ ।

ଏହି ସବୁ ପୁରୁଣା କଥାଗୁଡ଼ାକ ଭାବି ଲୋଚନାର ମନ ଭିତରଟା କିମିତି ଗୋଳେଇ ପୋଳେଇ ହେଲା । ଆଜି ସେ ଏକା ରାହାରେ ପୋଖରୀ ଜଳରେ ଭାସୁଥିବା ଛଡ଼ାଫୁଲର ଭେଳାଆଡ଼କୁ ଚାହିଁ ରହିଲା ଆଖି ପିଛୁଳା ନ ପକାଇ ।

ପୋଖରୀର ନେଳିଆ ପାଣି ଉପରେ ଗୋଟାଏ ପୋଡ଼ା ଦିହୁଡ଼ିକୁ କୋଳରେ ଧରି ଗଲା ପାଳିର ଫୁଲଭେଳା ଗୁଡ଼ାକ ଭାସୁଥିଲା । ଦଳମିଶା ତେଲିଆ ପାଣି ଉପରେ ମଲ୍ଲି ଦିହୁଡ଼ିର ନାଚୁଣି ଛାଇ !! ଲୋଚନା ସେଇଆଡ଼କୁ ଚାହିଁ ଖୋଜୁଥିଲା ତାର ଗଲା ଜୀବନର ଅଡ଼ୁଆତଡ଼ୁଆ ସୂତାପିଂଡୁଳାର ଗୋଟାଏ ହଜିଲା ଖିଅ ।

କାଲି ଝୁଡ଼ିଦୁରୁକୁଣୀର ଶେଷ ପାଳି । ଓଷା ଉଜୁଆଁ ହେବ । ଫୁକିଆ ତରା ଉଠି ନିଭିଗଲାଣି । କଂଟା ନଟିର ଯାବ୍କା ପଥର ଉପରେ ଜହ୍ନ ଆଲୁଅ ଶେତାଳିଆ ଦେଖାଗଲାଣି । ଚାରିଆଡ଼ ବେଶ୍ ଫରଚା ଦିଶୁଚି ।

ପୋଖରୀ କୂଳରେ ସୁଂଦରୀ ତାର ସାନଭାଇ ବୁଢ଼ୁଂଦାକୁ ଧରି ଗାଧୋଉଥିଲା । ତାର ସାଂଗ ସାଥୀମାନେ ଗାଧୋଇ ପାଧୋଇ ଚାଲିଗଲେଣି; ଝଡ଼ୁମୁଣ୍ଡିକ ବାଲି ପକାଇ ମାଜୁ ମାଜୁ ତାର ଟିକିଏ ମଠ ହୋଇଯାଇଛୁ ।

ଲୋଚନା ସେଇ ବାଟେ ଭାଗ ଜମିକୁ ଯାଉଥିଲା । ସୁଂଦରୀକୁ ଦେଖି ପୋଖରୀ-କୂଳରେ ବରି ଓହଳଟାକୁ ଧରି ଟିକିଏ ଠିଆ ହେଲା ।

Digitized by PPRACHIN, SOA

ଗୋଟି ପଥର ଉପରେ ସୁନ୍ଦରୀ ବସି ଘଷା ମଜା ହେଉଚି । ତା ଦେହରେ ଓଦା ଲୁଗାଟା ଜଡ଼ି ଯାଇ ସେଇ ଦରନଭିଲା ଜହ୍ନ ଆଲୁଅରେ କିମିତି ଝାପସା ଝାପସା ଦେଖା ଯାଉଚି । ପାଖରେ ବଇଚି ବୁରୁଂଦା ।

ପୋଖରୀକୂଳରେ ଫୁଟିଚି ଅସଂଖ୍ୟ କଇଁ—ନାଲି, ନେଳି, ଧଳା ହରେକ ରଂଗର ପୋଷାକ ପିଂଧି ସେଇ ସଜ ଫୁଟିଲା କଇଁଫୁଲ ଗୁଡ଼ିକ ପବନରେ ହଲି ହଲି ନାଚୁଛଂତି ।

ଲୋଚନାର ମନେ ପଡ଼ିଲା ଗତ ସାଲେ ଏଇ ଦିନ କେଡ଼େ ସୁଂଦର ନାଲି କଇଁଟିଏ ତୋଳି ଆଣି ସେ ସୁଂଦରୀ ବେକରେ ପକାଇ ଦେଇଥିଲା । ସେଇ ନାଲି ଟୁକୁ ଟୁକୁ ଫୁଲଟିକି ପାଇ ସୁଂଦରୀର ନାଲିଆ ଓଠତଳେ କିମିତି ହସର ସରୁ ନହଡ଼ି ଖେଳିପଡ଼ି ନୋଟି ଯାଇଥିଲା, ସେଇ ଦରନଭିଲା ଛବି ଆଜି ଏତେ ଦିନ ପରେ ଲୋଚନାର ମନ ଭିତରେ ପୁଣି ରୂପରେଖ ଧରି ଫୁଟି ଉଠିଲା । ସେ ଭାବିଲା, ସୁଂଦରୀ ଅବା ସବୁ ବର୍ଷପରି ଆଜି ତାକୁ ଫୁଲ ତୋଳି ଦବା ପାଇଁ ଅନୁରୋଧ କରିବ । କିଂତୁ ସୁଂଦରୀ ତାକୁ ଦେଖିଲେ ମଧ୍ୟ କିଛି ନ କହି ଗୁମ୍‌ମାରି ବସି ରହିଲା । ପଣତଟାକୁ ଆଉ ଟିକିଏ ନଂବ କରି ମୁହଁ ଉପରେ ଟାଣିଦେଲା ।

ଲୋଚନା ଯାଇ ବାଆଁରେଇ ଗୁଆଁରେଇ ହୋଇ ସୁଂଦରୀର ଭାଇ ବୁରୁଂଦାକୁ ଲକ୍ଷ୍ୟ କରି କହିଲା—"କିରେ ବୁରୁଂଦା, ଆଜି କଇଁଫୁଲ ନେବୁ ନାହିଁ କିରେ ? କାଲି ପରୁ ଓଷା !"

ବୁରୁଂଦା କିଛି ବୁଝି ପାରିଲା ନାହିଁ ! ସୁଂଦରୀ ତାକୁ ଫୁସ୍ ଫୁସ୍ କରି ଶିଖେଇ ଦେଲା—"କହ, ଫୁଲ କାହିଁ ?"

ବୁରୁଂଦା କହିଲା—"ଫୁଲ କାହିଁ ?"

ଲୋଚନା ପଚାରିଲା—"ନବୁ ?"

ସୁଂଦରୀ ପୁଣି ବୁରୁଂଦା କାନରେ ଶିଖେଇ ଦେଲା—

"କହ, ହଁ ଦେ ।"

ବୁରୁଂଦା କହିଲା—"ହଁ, ଫୁଲ ଦେ ।"

ଏତେ ଦିନ ପରେ ଅନ୍ୟ ଜଣକ ମଧ୍ୟସ୍ଥତାରେ ସୁଂଦରୀର ଫରମାସି ପାଇ ଲୋଚନାର ମନଟା ଭରି ଆନଂଦ ଅନୁଭବ କଲା । ସେ ଟିକିଏ ମଜା ଦେଖିବା ପାଇଁ କହିଲା—"ତୁ କଣ କରିବୁ ? ତୁ କଣ ଓଷା କରିବୁ କି ?"

ବୁରୁଂଦାର ଅକଲ ଗୁଡ଼ୁମ୍ ହୋଇଗଲା । ସେ କଣ ଉତ୍ତର ଦେବ କିଛୁ ବୁଝି ନ ପାରି ସୁଂଦରୀ ଅପା ମୁହଁକୁ ଚାହିଁଲା । ସୁଂଦରୀ ତାକୁ ଶିଖେଇ ଦେଲା—"କହ, ମୁଁ ନକଲେ କଣ ହେଲା, ଅପା ଓଷା କରିଚି ତ । କେତେ ଜାଣି ଗ୍ରେପରା ହଉଚୁ ?"

ବୁରୁଂଦା ଠିକ୍ ସେଇ କଥା କହିଲା । ଲୋଚନାର ଉତ୍ସାହ ଆଜି କହିଲେ ନ ସରେ । ଅନେକ ଦିନ ପରେ ସେ ଆଜି ସୁଂଦରୀର ବରାଦ ପାଇଚି । ଏ ସୁଯୋଗ ସେ ଜମା

Digitized by PPRACHIN, SOA

ଆଶା କରିପାରି ନ ଥିଲା । ସେ ଅଭିମାନ କରି କହିଲା—"ମତେ କଥା ନ କହିଲେ ମୁଁ ଫୁଲ ଦେବନାହିଁ । ସୁଂଦରୀ ବୁରୁଂଦା କାନରେ କହିଲା—"କହ, ତୁ ଆଗ କହିଲେ କାଏ ସିନା ପଛେ କଥା କହିବ !"

ବୁରୁଂଦା ଶୁଆ ଚଢ଼େଇ ପରି କହିଲା—"ତୁ ଆଗେ କଥା କହିଲେ, ତାପରେ ଯାଇ ସିନା ଆଉ କାଏ କଥା କହିବ ।" ଲୋଚନା ବଡ଼ ହାଇରାଣରେ ପଡ଼ିଲା । ସେ ମୁଂଡ଼ ନୋଇଁବାକୁ ନାରାଜ । ତଥାପି ଆଜି ତାର ଭାରି ଆନଂଦ । ସେ ଭାବିଲା, କଇଁଫୁଲଟା ଆଣିଦେଲେ ସୁଂଦରୀ ନିଶ୍ଚୟ କଥା କହିବ ଯେ, ଯିବ କୁଆଡ଼େ ?

ଲୋଚନା ମାଲକଚ୍ଛା ଭିଡ଼ି ପାଣିରେ ପଶିଲା । ପୋଖରୀର ଉତ୍ତର ପଟ କୂଳରେ ଆଂଠୁଏ ପାଣିରେ ଗୁଡ଼ାଏ ମାଳକଇଁ ଫୁଟିଥିଲା । ଲୋଚନା ସେଗୁଡ଼ାକୁ ତୋଳିବା ପାଇଁ ହାତ ବଢ଼ାଇଲା ।

ସୁଂଦରୀ ଲୋଚନାକୁ ଶୁଣାଇ ଶୁଣାଇ ବଡ଼ ପାଟିରେ ବୁରୁଂଦାକୁ ଲକ୍ଷ୍ୟ କରି କହିଲା—

"ଏ ଗୋବର କଇଁ ଗୁଡ଼ାକ କଣ କରିବୁ କରେ ବୁରୁଂଦା ? ନାଲିକଇଁ ମାଗୁନୁ !"

ଲୋଚନା ସୁଂଦରୀର ଏହି ପରୋକ୍ଷ କଥାବାର୍ତ୍ତାରେ ଭାରି ଆନଂଦ ବୋଧ କଲା । ଇଆ ଭିତରେ ବୁଡ଼ି ରହିଥିଲା ଯିମିତି ଏକ ଅଧେ ଶୁଣା ଅଧେ ନ ଶୁଣା ପୁରୁଣା ଚଉପଦୀର ଛଂଦ ।

ପୋଖରୀ ମଝିରେ ନାଲି କଇଁଟିଏ ଫୁଟିଥିଲା । ବୁଡ଼ି ଯାଇଥିବା ଜହ୍ନ ପାଇଁ ଭାବି ଭାବିକା ସେଇ ଫୁଲର କଅଁଳ ଗାଲ ଉପରେ ଜମି ରହିଥିଲା ଯେମିତି କେତେ ଦିନର ଦୁଃଖର ଲୁହ ! ନେଳିପାଣି ଉପରେ ଫୁଲଟିର ନାଲିଆ ଲୁହ ଟଳ ଟଳ ନାଚୁଥିଲା ।

ଲୋଚନା ମନରୁ ସବୁ ଦୁଃଖ ଦରଜ କୁଆଡ଼େ ଆପେ ଆପେ ଉଭେଇ ଗଲା । ସେ ଅଂଟାଏ ପାଣିରେ ପଶିଲା । ଆଉ ସାତ ଆଠ ପାହୁଂଡ଼ ଗଲେ ସେ ଫୁଲଟିକୁ ଧରିବ । ଏଡ଼େ ସୁଂଦର ଫୁଲଟିକୁ ଦେଖି ସୁଂଦରୀ ଯେ କେଡ଼େ ଖୁସି ହେବ, ତାହା ସେ କଳନା ମଧ୍ୟ କରି ପାରିଲା ନାହିଁ ।

ସେ ଛାତିଏ ପାଣିକି ଗଲା; କିଂତୁ ହାତ ପାଇଲା ନାହିଁ ।

ଲୋଚନା ଅଂଟାରେ ଲୁଗାଟାକୁ ଆଉ ଟିକିଏ କଷି କରି ବାଂଧି ଦେଇ ବେକେ ପାଣିରେ ପଶିଲା । ଆଉ ଦି ହାତେ—ସେ ଗୋଡ଼ ବୁଢ଼ା ଆଂଗୁଠି ଅଗରେ ଠିଆ ହୋଇ ଫୁଲକୁ ଧରିବ ବୋଲି ହାତ ବଢ଼ାଇଲା ।

କୂଳରେ ସୁଂଦରୀ ଖୁସି ହୋଇ ବୁରୁଂଦାକୁ କହିଲା—"ହେଇରେ ବୁରୁଂଦା ତୋ ଫୁଲ ଆଇଲଣି !"

Digitized by PPRACHIN, SOA

ଲୋଚନା ଏତେ ଦୂରରୁ ତାହା ଶୁଣି ପାରିଲା । ଆଜ ବହୁଦିନରୁ ମେଘ କାଟି ଯାଇ ତା ମନରେ ସୂର୍ଯ୍ୟ ଉଇଁଚି । ସେ ଆଉ ଟିକିଏ ଆଗକୁ ଗୋଡ଼ ବଢ଼ାଇଲା । ଏ ଫୁଲଟିକି ପାଇ ସୁଂଦରୀ ଯେ ନିଶ୍ଚୟ ତାକୁ କଥା କହିବ, ଏଇ ସ୍ୱପ୍ନରେ ସେ ଏକାବେଳକେ ବିଭୋର ହୋଇ ପଡ଼ିଥିଲା । ସେ ଫୁଲ ଆଡ଼କୁ ଝୁଂକି ପଡ଼ିଲା ।

ଆଗରେ ଗୋଟାଏ ଖାଲ—ଲୋଚନା ଟୁବ୍ କିନା ବୁଡ଼ିଗଲା । ମାତ୍ର ଲୋଚନାକୁ ଟିକିଏ ଟିକିଏ ପହଁରା ଆସେ । ସେ ଦୁଇ ଢୋକ ପାଣି ପିଇଦେଇ ଟିକିଏ ଆକ୍ତା ହୋଇ ଯାଇଥିଲେ ମଧ୍ୟ ପହଁରି ପହଁରି ଯାଇ କଇଁ ନାଡ଼କୁ ଧଇଲା ।

ତାପରେ ସବୁ ଶକ୍ତି ଠୁଳ କରି ସେ ସେଟାକୁ ଟାଣିବାକୁ ଲାଗିଲା । ଥରେ ଟାଣିଲା, ଦୁଇ ଥର ଟାଣିଲା, ମାତ୍ର ଫୁଲଟା ସହଜରେ ଛିଡ଼ିଲା ନାହିଁ । ତିନି ଥର ଟାଣିଲା ବେଳକୁ ଲୋଚନାର ଅଧେ ଦମ ତୁଟି ଯାଇଥିଲା ।

ଏଥର ବାହାର ସବୁ ଶକ୍ତି ଠୁଳ କରି ଦାଂତ କାମୁଡ଼ି ଲୋଚନା ଶେଷ ଥର ପାଇଁ ଦେଲା ଗୋଟାଏ ଟାଣ । ଫୁଲଟା ଉପୁଡ଼ି ଆଇଲା । ନାଲି ଟହ ଟହ ସୁଂଦର କଇଁ ଫୁଲଟିଏ !

ଲୋଚନା ଭାରି ହାଲିଆ ହୋଇ ଯାଇଥିଲା । ସେ କଇଁ ଫୁଲଟାକୁ ଧରି କୂଳକୁ ଫେରି ଆସିବ ବୋଲି ଚେଷ୍ଟା କଲା । ତାର ଗୋଡ଼ ହାତ କ୍ରମେ ଅବଶ ହୋଇ ଆସୁଥିଲା । ଏତିକି-ବେଳେ ଲୋଚନା ଅନୁଭବ କଲା ଯେ ତାର ଗୋଡ଼ ଦିଟା କିମିତି ଛଂଦି ହୋଇ ଯାଉଚି । ସେ ଗୋଡ଼ ଦିଟାକୁ ଯେତେ ଟାଣି ଓଟାରି ବାହାର କରିବାକୁ ଚେଷ୍ଟା କଲା, ସେତେ ସେ ଦିଟା ସରୁ ସରୁ ଦଉଡ଼ିରେ ବାଂଧି ହୋଇଗଲା ପରି ଜଣା ପଡ଼ିଲା । ଲୋଚନା ଅଣାୟତ୍ତ ହୋଇ ଦି ଚାରି ଥର ଗିଂଠି-ବୁଡ଼ା ଦେଇ ସାରିଲାଣି ।

ସୁଂଦରୀ ଏତିକିବେଳେ କୂଳରେ ବସି ବୁରୁଂଦାକୁ କହୁଥିଲା—"ଦେଖ ଲୋଚନା ଭାଇ କିମିତି ବୁଡ଼ା ପହଁରା ଦଉଚି ।"

ଲୋଚନା କଂଠୁ ଇଆଭିତରେ ସତକୁ ସତ ସାତ ଆଠ ଢୋକ ପାଣି ପିଇ ସାରି-ଥିଲା । ତାର ଟିକିଏ ଟିକିଏ ହୋସ ବି ଥିଲା । ସେ କୌଣସିମତେ ପାଣି ଉପରକୁ ମୁଂଡ଼ କାଢ଼ି ବଡ଼ ପାଟି କରି ଡାକିଲା—'ସୁଂଦରୀ—ଏ ସୁଂଦ—', ସେ ଭାବିଥିଲା ସୁଂଦରୀ ଅବା ତା ପାଖକୁ ଦୌଡ଼ି ଆସିବ ।

କଂଠୁ ତା ପାଟିରେ ପାଣି ପଶିଗଲା; କଥା ଶୁଣାଗଲା ନାହିଁ । କେବଳ ଗଅଁ ଗଅଁ ଶବ୍ଦ ଶୁଣା ଗଲା । ସୁଂଦରୀ ଭାବିଲା, ଲୋଚନା ତାକୁ ଆଗ କଥା କହିବା ପାଇଁ ଇମିତି ଫିକର କାଢ଼ି ଖେଳ କରୁଚି ।

ଲୋଚନା ଗୋଡ଼ରେ କଇଁ ଦଳ ଛଂଦି ହୋଇ ଯାଇଥିଲା । ସେ କାଉଳି ବାଉଳି ହୋଇ ହାତ ଗୋଡ଼ ଛାଟି ଛାଟି କଇଁ ଫୁଲଟା ତା ହାତ ମୁଠାରୁ ଖସି ଯାଇ ପାଣି ଉପରେ ଭାସିବାକୁ ଲାଗିଲା ।

Digitized by PPRACHIN, SOA

ଲୋଚନା ନାହିଁ ।

ପାଣି ଉପରେ ଖାଲି ଫୁଲଟାକୁ ଭାସୁଥିବାର ଦେଖି ବୁରୁଂଦା କହିଲା--

"ଏ ସୁଂଦରୀ ଅପା ! ଦେଖିଲୁଣି ଲୋଚନା ଭାଇ ବୁଡ଼ି ଯାଉଛି ।"

ସୁଂଦରୀ ତାକୁ ଠେଲି ଦେଇ କହିଲା "ଧେତ୍—କାଳାମୁହାଁ ଅଲକ୍ଷଣା ଟୋକା ! ! ତୋ ମୁହଁରେ ନିଆଁ ଲାଗୁନାହିଁ । ସେ ପହଁରି ଜାଣିନାହିଁ ଯେ ବୁଡ଼ି ଯାଉଛି ! ମଲୁ ନାହିଁ ତୁ କାଳି-ତୁଂଡିଆ !!"

Digitized by PPRACHIN, SOA

ଅଂଧାରୁଆ

ବେକରେ ହାଡ଼ ବାଂଧିଲା । ଦାଂତରେ ଝରଣ ଦେଲା । ଜିଭ ଥାଉ ଥାଉ ଖନା ହୋଇ ପଡ଼ିଲା ପଧାନ ବାରଦୁଆର ଶୁଂଠିପିଂଢ଼ା ବୁଲି ଖପରା ପଟେଇଲା ।

କଳା ମିଚ ମିଚ ଅଂଧାର ମଝିରେ ତାର ଶଂଢ଼ା ଶଂଢ଼ା କାଳିଆ ବାହା ଦ'ଟାକୁ ଉପରକୁ ଟେକି ଗାଆଁ ମୁଂଡ଼ ଦୋକାନ ପାଖରେ ବସି ପଡ଼ିଲା ଗଅଁ ଗଅଁ ହୋଇ ସମସ୍ତିଂକ ମନକଥା କହିବାକୁ ଚେଷ୍ଟା କରେ, ନାନା ଅବଲ୍ୟ କାଢ଼ି ଗହକମାନଂକ ଅଂଠାରୁ ପଇସାଏ ଅଧଲାଏ ଝସେଇବ ବୋଲି ବାହାରେ । କିଏ ହଏ, କିଏ ବା ମୁହଁ ମୋଡ଼ି ଚାଲିଯାଏ । ଅଧିକାଂଶ ତା ଆଡ଼କୁ ଦାଂତ ଦ'ଧାଡ଼ିକ ଦେଖାଇ ଖିଁ ଖିଁ ହୋଇ ହସଂତି—ଝଡେଇ ହୁଅଂତି । ପଡ଼ିଲା ମାଟିରେ ଗଡ଼େ । ବାଲମୁକୁଲା କରି ହାତଠାରି କେତେ କଣ କହେ । ସମସ୍ତେ କହଂତି, ପଢ଼ିକ କରୁଚି ।

ତାର କାଳିଆ ଦେହ, କୋତରା ନୁଗା, ଆବୁଡ଼ା ଖାବୁଡ଼ା ଓସାରିଆ ଚୁଟିଟା କଳା ରାତି ସଂଗରେ ମିଶିଯାଇ ଜମା ବାରି ହୁଏ ନାହିଁ ।

ଅଝଟ ପିଲାଏ ମା' ଠୁଁ କ୍ଷୀର ନ ଖାଇଲେ ମା'ମାନେ ଭୟ ଦେଖାଇ କହଂତି—"ହେଇ, ହେଇ ଅଂଧାରୁଆ ଆଇଲାଣି । ଗାଆଁ ମୁଂଡ଼େ ବସି ଜିଭ ହାଲୁ ହାଲୁ କରୁଚି ।"

ପଡ଼ିଲା ପୁରସ୍ତମ ଯିବ । ବାଟରେ ସଂଜ ହୋଇଗଲେ ସେ ପାଖ ଗାଆଁରେ ରାତିକ ପାଇଁ ଥାକିଯାଏ । ଦଅଁ ବୁଡ଼ିଯିବା ଆଗରୁ କଣ ଦ'ଟା ପାଟିରେ ପକାଇ ଦେଇ କାହା ପିଂଢ଼ାରେ କୁଟା ଗୋଛାଏ ପାରି ଚାରିକାତ ନଂବେଇ ପଡ଼ିଯାଏ । ସେ ଯେଉଁ ଗାଆଁକୁ ଯାଏ—ସେ ଗାଆଁରେ ଅଂଧାରୁଆ ଆଇଚି ବୋଲି ଚାରିଆଡ଼େ ହୁରି ହକରା ପଡ଼ିଯାଏ । ତା ପଛରେ ଟୋକାଏ ଢିଲ୍‌କୁ ମାରି ଗୋଡ଼ାଂଉ—ବୁଲା କୁକୁରଗୁଡ଼ାକ ଢେଉ ଢେଉ ହୋଇ ତାକୁ ଖେଂକାରି ମିଶଂତି, ପୁଣି ସୁଁ ସୁଁ କରି ତା ଗୋଡ଼ ସଂଧିରେ ପଶି ପରସ୍ତେ ତାକୁ ଶୁଂଘି ଯାଂତି ।

ଅଂଧାରୁଆ ଦିନଯାକ ବାଟ ଚାଲେ—ସଂଜବୁଡ଼େ ଭିକ ମାଗେ ।

Digitized by PPRACHIN, SOA

ଅଂଧାର ରାତି । ପେଟରେ ହେଲ୍‌ ମାଇକିନିଆ ପରି କଳା ମେଘର ତଳ ପେଟଟା ଓହ୍ଲାଇ ପଡ଼ିଛି । ତାରି ଭିତରେ ଚାଲଂତା ଅଂଧାର ପରି ବାଡ଼ି ଖଂଡ଼ିକ ଧରି ଅଂଧାରୁଆ ଗୁହଳେ··· ।

ବେଳେ ବେଳେ ଅଂଧାରୁଆ ସ୍ୱପ୍ନ ଦେଖେ ·· ।

ପାଚିଲା ଖେତରେ ନହଡ଼ା ମାରୁଛି । ଭେଂଡ଼ିଆ ଭେଂଡ଼ିଆ ଧାନ ଗଛର ଅସୁମାରି ସାରୁ ସିଆରି ଭିତରେ ତଂପସାପ, କଂକଡ଼ା ବିଛା ଆଉ ତେଲୁଣୀ ପୋକଂକର ମେଳା ବଇଚି । ଗୁରିଆଡ଼େ ଆଁଳିଶିଣିଆ ଗଂଧ ପାଇ ମାଟିଆ ଚିଲ୍ ଗୁଡ଼ାକ ଚେକା ଚେକା ହୋଇ ଉପରେ ଉଡ଼ୁଚଂତି ।

ସେଇ ମେଘ ଅଂଧାର ରାତିରେ ବିଲ ମଝିରେ ଗୋଟାଏ ଖୁଡ଼ି ଉଆଡ଼ କରି ଅଟା ଝଂଡ଼େ ଜାଳି ପହିଲି ବିଲ ଜଗିଚି ।

ଧାନଗଛ ମୂଳରେ କୁଢ଼ା ହୋଇଚି କୁଢ଼କୁ କୁଢ଼ ଖତ । ଖତ ତ ନୁହଁ, ହାଡ଼ । ପହିଲିର ହାଡ଼—ତା ସ୍ତ୍ରୀ ଗେଲବୋଉର ହାଡ଼······।

ପହିଲିର ମନେ ପଡ଼େ କାଲିମରି ଜାଡ଼ଦିନେ କମିତି ବଡ଼ିଅଂଧାରୁ କେଉଁଠି ଘରର ଚୂଡ଼ା ପାହାର ନ ଶୁଭୁଣୁ ଗେଲି ବୋଉ ଥୁରୁଥୁରୁ ହୋଇ ଟାଂଗି, ଟୋକରି, ତୋଟା, ପାଟି ଭୁଲି ଗାଂଉଆଳି ଗାଂଡ଼ୁଆ ଗୋବର ବୋହି ଆଣି ବାଡ଼ି ପଟ ଖତ ଗଦାରେ ଜମା କରେ···। ଆଉ ପହିଲି ନିଜ ବାହାର ନହୁ ପାଣି କରି ସେଇ ଖତତକ କୁଟି ଓଦରି ଓଦରି କରି ନେଇ ବିଲରେ ଜମା କରିଦେଇ ଆସେ··· ।

ଖାଲି ସେତିକି ନୁହଁ, ପଥର ପରି ଟାଣ ବିଲ ମାଟିରେ ନଂଗଳ କଂଟି ଧରି ହଳ କଲାବେଳେ ଯେ କି କଷ୍ଟ, ତା ମନେ ପଡ଼ିଲା ବେଳେ ପହିଲିର ହାଡ଼ ଭିତର କଣ ହୋଇଯାଏ । ତାଙ୍କୁ ଉପରେ ନିଆଁ ପିଂଉଳା ପରି ସୂର୍ଯ୍ୟ—ତଳେ ତତଲା ମାଟି ଗୋଡ଼ ଦି'ଟା ସିଝିଯାଇ ପରସ୍ତକୁ ପରସ୍ତ ଚମ ଛାଡ଼ି ଯାଇଚି···।

ପହିଲିର ଏତେ ହାଡ଼ଭଂଗା ଚଳ୍ପିଣା ମିହଂତକୁ ସାର୍ଥକ କରି ଯଉଁଦିନ ପାଚିଲା ଖେତର ଅସୁମାରି ଧାନଗଛ ଗହଳରେ ମାଳି ପବନର ନୁଚୁକାଳି ଖେଳ ନାଗିଲା, ସେ ଦିନ ପହିଲି ଜୀବନରେ ଏକ ମହୋଛବ । ସେ ସବୁ ଭୁଲି ଅନାଇଁ ରହିଲା ସେ ଦିର ପାଚିଲା କିଆରି ଆଡ଼କୁ ।

ତାପରେ ଦିନେ—

ପହିଲି ଭାବିଲା ।

କଟିମିଟିଆ ଅଂଧାର । ମଗୁଣିର ମାସ ହିମାଳ ପବନ କାକ୍‌ଜା ଭିତରୁ ଅଗ୍ନି ଦେଇ ଯାଉଚି । ପହିଲି ଭାଡ଼ି ଉପରେ ହେଁସ ଝଂଡ଼େ ଘୋଡ଼ି ହୋଇ ପେଟେଇ ପଡ଼ି ଶୋଇ ବନ୍ଧୁଆରୁ ଚୂନପତ୍ର ଟିକିଏ ଅଣି ନେଡ଼ରେ ଦଳୁଚି । ବିଲ ଭିତରେ ଗୁବୁରୁ ଗୁବୁରୁ ଶବ୍ଦ ଶୁଣାଗଲା । ପାଣି କାଦୁଅରେ ଧାନଛେଗୁଡ଼ାକୁ ଚକଟି ଦେଇ ଗୋଟାଏ କଏ ଗୁରିଆଡ଼ ମଂଥି ଦେଇ ଯାଉଚି ଯିମିତି ଅବା ! ପହିଲି ଭାବିଲା ବାର୍‌ହା କି ଭାଲୁ ହେବ ପରା !

Digitized by PPRACHIN, SOA

ସେ ରାଗରେ ଖଂଡେ ମୂଳ ବାଉଁଶ ଧରି ଉଠିଲା ।

ଧାନ ଗଛର କାଳିଆ ରୁଞ୍ଜି ଚରି ପାଣିପିଆଗୁଡ଼ାକ ଚକ୍ ଚକ୍ ଦିଶୁଚି । ବହଳିଆ ମେଘ ଅଂଧାର ଭିତରେ ପହିଲି ଆଖିରେ ପଡ଼ିଗଲା ଗୋଟାଏ ମସ୍ତବଡ଼ କାଳିଆ ଜଂତୁ । ନାକ ପୁଡ଼ାରେ ଅଣନିଃଶ୍ୱାସ ପ୍ରବଳ ବହୁଚି ।

ପହିଲି ତା ପଛେ ପଛେ ଗୋଡ଼ାଇଲା । ମାତ୍ର ସେଇ କାଳିଆ ରୁଞ୍ଜିଟା ଧାନଗଛଗୁଡ଼ାକୁ କ୍ରୁଦ୍ଧ ଚକଟି ଦୌଡ଼ି ଦୌଡ଼ି ଏଣେତେଣେ ପଳାଇ ଗଲା ।

ଗୋଟିଏ ଧାନଗଛ ନଷ୍ଟ ହୋଇଯିବା ସଂଗେ ସଂଗେ ପହିଲି ଦେହରୁ ପୋପେ ରକ୍ତ ଶୁଖି ଯାଉଥିଲା ।

. ଆଗରେ ଗୋଟାଏ ଖାଲ । ଜଂତୁଟା ଆଉ ଯାଇ ପାରିଲା ନାହିଁ—ମୁହଁ ବୁଲାଇ ପଛକୁ ଫେରି ଅଇଲା । ପହିଲିର ବାଉଁଶ ଠେଂଗା ଦୁମ୍‌କରି ବାଜିଲା ତା ତାଳୁରେ । ଠିକ୍ ତା ତାଳୁ ଉପରେ ।

ପହିଲି ବିଜୁଳି ଆଲୁଅରେ ଦେଖି ପାରିଲା, ଦି'ଟା ବଡ଼ ବଡ଼ ମୁନିଆଁ ଶିଂଗ କେନା ମେଲାଇ ଉପରକୁ ବାହାରିଚି ।

ନାଂଜ ଟେକି, ଫଁ, ଫଁ, ନିଶ୍ୱାସ ଛାଡ଼ି ଜଂତୁଟା ପଳାଇଗଲା କାଇଁକାଁଛୁଆ ହୋଇ ଏକ ମୁହଁରେ । ପହିଲି ଶୁଣିପାରିଲା, କିଛି ଦୂର ଯାଇ ସେଉଟା ଗୋଟାଏ କଂଟା ବୁଦାରେ ଭୁସ୍‌କିନା ପଡ଼ିଗଲା—ଆଉ ପଂକ କାଦୁଅ ଭିତରୁ ଉଠି ପାରିଲା ନାହିଁ ଜମା ।

ପହିଲି ଭାଙ୍ଗିକି ଫେରି ଆସି ବସ୍ତିଂଡରେ ଶୋଇଲା । ସେ ରାତିରେ ଶୋଇ ଶୋଇ ସ୍ୱପ୍ନ ଦେଖିଲା ଗୋଟାଏ ମସ୍ତବଡ଼ କାଳିଆ କଂକାଳ,—ଚାରିପଟେ ତାର କାଉ ବେଢ଼ିଛଂତି । ଗୋଟାଏ ଭେକିଲା ଶାଗୁଣା ସେଇ ମଢ଼ର ନାହିମୁଂଡା ଭିତରେ ଥଂଟ ପୁରେଇଚି । ସେଇ ମଢ଼ର ଚାରିଟାଯାକ ଖୁରାକୁ କିଏ ହାଣି ଦେଇଚି କୁରାଢ଼ିରେ ଟେଁଟ ଟେଁଟ କରି ।

କୁଟରାହିତେ ପୋଥି ଦେଖି କରି କହିଲେ, ତିନପାଦ ଦୋଷ ଲାଗିଚି । ପୁରୁଷୋତ୍ତମ ଯାଇ ମୁକ୍ତିମଂଡପରେ ପ୍ରାୟଶ୍ଚିତ ନ କଲେ ଏ ପାତକ ଛାଡ଼ିବ ନାହିଁ । ପ୍ରାୟଶ୍ଚିତ ନ ହେବାଯାଏ ଦାଂତରେ ତିରଣ ଦବ, କଥା କହିବ ନାହିଁ ।

ଗାଆଁଯାକ ଫୁସ୍ ଫୁସ୍ ହେଲେ—"ପହିଲି ହାଡ଼ ବାଂଧିବ । ଗୋରୁ ମାରିଚି ।"

ସେ ଦିନର ପହିଲି ଆଉ ଆଜିର ଅଂଧାରୁଆ । କେତେ ତଫାତ୍ ?

ପହିଲି ଭାବେ, ସେ ଦିନ ପଦ୍ମପୁରାଣ ପଢ଼ି ପୁରୋହିତ ନିଧି ମିଶ୍ରେ ତାକୁ କଣ କହିଥିଲେ ! ଭୟରେ ମୁହଁଟା ତାର ଶୁଖିଲା ପଡ଼ିଯାଏ । ତା ଆଖି ଆଗରେ ନାଚିଯାଏ ଗୋଟାଏ ମସ୍ତବଡ଼ ଜଳଂତା ଚୁଲି—ବଡ଼ ବଡ଼ ହଂଡ଼ାରେ ତେଲ କଡ଼ କଡ଼ ହୋଇ ଫୁଟୁଚି । ସେ ଏପଟକୁ ସେପଟକୁ ଚାହେଁ । ଥରି ଉଠେ । ପୁଣି ତା ଆଖି ଆଗରେ ନାଚିଯାଂତି ଦୁଇଟା ମହିଷି ମୁହାଁ ଯମଦୂତ । ସେ ଦିନ ତ.ଂକରି ଚତ୍ର ତାକୁ ପୁରୋହିତ ଆପଣେ ଦସ୍ତାକରି ପୁରାଣରୁ ବାହାରକରି ମିଂଜି ମିଂଜି ଦୀପ ଆଲୁଅରେ ଦେଖେଇ ଦେଇଥିଲେ ।

Digitized by PPRACHIN, SOA

ତାର ସେ ଛନକରଂଗିଆ ଚନ୍ଦ୍ରପଟଟା ମନେପଡ଼େ । କେଡ଼େ କେଡ଼େ ଆଖି, କମିତ ଶିଂଗ, ହାତ ଦଣ୍ଟା କମିତ ମାଂକଡ଼ ହାତ ପରି ରୁମ ସାଲୁବାଲୁ ହେଇଚ, ନଖଗୁଡ଼ାକ କମିତ ମୁନଆଁ ମୁନଆଁ ! ସେ ଡରୁଆ ପିଲାଂକ ପରି ନଦରେ ବଳବଳେଇଁ ଉଠେ—

"ଆଇଲା, ଆଇଲା, ହେଇ ଆଇଲା !"

ଦନେ ଦନେ ବାଟ ଗ୍ଲୁ ଗ୍ଲୁ ନଗ୍ରୁଟିଆ ଦ୍ପହରେ ସେ ଅକା ହୋଇ ଗୋଟାଏ ଗଛମୂଳରେ ବସି ପଡ଼େ । ଗ୍ରଆଡ଼ ଶୂନ୍‌ଶାନ୍—ଖାଁ ଖାଁ କରୁଥାଏ । ତାର ମନେ ପଡ଼େ ଭଲଗାଁ ଗ୍ରମା ଗଉଡ଼ର କଥା । ଗୋରୁ ମାରି ନୁଚେଇଥଲା, କଂଉ ମଲାବେଳ୍‌କୁ ଜଭରେ ଘା ହେଇଗଲା, ପୋକମାଛ୍ଛ ହେଲା, ନାଂଗୁଡ଼ା ପୋକ ପାଟିରେ ସାଲୁବାଲୁ ହେଇ ଗ୍ଲଲେ । କେତେ ଗୁହ୍ମୂତ, ରକ୍ତପୂଯ ହେଇ ସେ ଘାଂଟି ଚକଟି ହେଲା । ତେବେ ହେଲେ କଣ ତାର ପ୍ରାଣ ଗଲା !

ଶେଷରେ ସାହ୍ଲ ଲୋକେ ପଗ୍ରଲେ—କରେ, ଗ୍ରମା, କଣ କରିଚୁ କହ୍ଲକେ । ନୋହ୍ଲେ ସଂଜରେ କଣ ପ୍ରାଣ ଯିବ ?

ଗ୍ରମା ମାନଗଲା । ଗୋରୁ ମାରିଥିବା କଥା କହ୍ଲଦେବା ମାତ୍ରକେ ତାର ହ୍ଲକ୍‌କା ଉଠିଲା । ଛନଥର ଗୋରୁଂକ ପରି ହଂବାଳ ଗ୍ଲଡ଼ି ତାଠୁଁ ପ୍ରାଣବାୟୁ ଉଡ଼ିଗଲା ।......

ପହ୍ଲଲ୍ ଆଉ ଭ୍ଲବି ପାରେ ନାଇଁ । ତାକୁ ଶୁଣାଯାଏ ଗୋଟାଏ ମାରଣା ଗୋରୁ ଯିମିତ ଖୁବ୍ ଦୂରରେ ହେଂଟରି ଗ୍ଲଡ଼ିଛ୍ଛ । ସେ ଭୟରେ ଗଛଟାକୁ କୁଂଡାଇ ଧରେ ।

ନକଟରେ ହ୍ଲଏତ ଚୋଟିଏ ଦ୍ୱଓଟି ଗାଈ ଚରୁଥାଂନ୍ତି । ଧଳା, କଳା, କପିଳା ବାଛୁରିଗୁଡ଼ିକ ଚଲ୍‌ମାରି ତାଂକ ଗ୍ରପାଖେ ନାଚୁଥାଂନ୍ତି । ପହ୍ଲଲ୍ର ମନେ ହ୍ଲଏ, ସେମାନେ ଯିମିତ ତାକୁ ଶିଂଗ ଉଚେଇ ମାରିବାକୁ ଆସୁଚଂନ୍ତି । ସେ ବାଡ଼ି ଖଂଡକ ଧ୍ଲରି ଛ୍ଲଡ଼ା ହ୍ଲଏ—ଭୟତ୍ରସ୍ତ ଆଖିରେ ଇଆଡ଼ିକି ସିଆଡ଼ିକି ଗ୍ରହେଁ ।

ଦନେ ଦନେ ରାତରେ ପହ୍ଲଲ୍ ସପନ ଦେଖେ—ଗୋଟାଏ ମଲା କାଲିଆ ଗୋରୁ ପେଟ ଫୁଲେଇ ତାଂକ ଅଗଣାରେ ଶୋଇଛ୍ଛ । ତା ପେଟ ଭିତରେ ଗୋଟାଏ କଅଁଳା ବାଛୁରି । ଗେଲ୍ ବୋଉ ଚଉରି ମୂଳରେ ବସି ଭୁନ ହୋଇ କାଂଦୁଚ । ଆଉ ତାର ମଲା ପିଲା ଗେଲ୍‌ଟା ପୁଣି ବଂଚଲାଣି । ସେ ବାଆ ବାଆ ବୋଲି ଗ୍ରଆଡ଼େ ତାକୁ ଖୋଜି ବୁଲୁଚ । ପହ୍ଲଲ୍ର ନଦ ଗ୍ରଉଁକନା ଭାଜିଯାଏ । ସେ ଉଠି ବସେ । ଦୂରରେ ଜଣାଯାଏ ଯିମିତ ସଁ ସଁ ହେଇ ଗୋଟାଏ କଣ ଚରୁଚ ।

ଦନେ ଦନେ ବାଟ ଗ୍ଲୁ ଗ୍ଲୁ ହଠାତ୍ ପହ୍ଲଲ୍ ଅକା ମାରି ଛ୍ଲଡ଼ା ହୋଇଯାଏ । ତାର ମନେହ୍ଲଏ, ପଛରୁ ତାକୁ ଯିମିତ କଏ ଡାକୁଚ ! ଗୋଜିଆ ଗୋଜିଆ ଶିଂଗ – ହାତରେ ଗୋଟାଏ ବାଗୁଆ ଫାଶପକା ଦଉଡ଼ି । ତାର ମନେ ପଡ଼ିଯାଏ ଗ୍ରମା ଗଉଡ଼ର ମୁହଁ । ରକ୍ତ, ପୂଯ, ଲାଂଗୁଡ଼ିଆ ପୋକ ! କଂଉ ମନକୁ ମନ ବୁଝାଇ ସେ ପୁଣି ବାଟ ଗ୍ଲଲେ । ଶହେଥର ବଡ଼ଠାକୁରଂକ ନାଁ ସୁମରଣା କରେ ।

Digitized by PPRACHIN, SOA

ପୁଣି ବଡ଼ଦାଣ୍ଡ । ଶହ ଶହ କୁଷ୍ଠରୋଗୀଙ୍କ ମେଳରେ ପହଲି ବି ବସି ଖପରିଖଣ୍ଡକ ପତାଇ ଭିକ ମାଗୁଚି । ବଡ଼ ଦେଉଳ ଉପରେ ବଡ଼ ଠାକୁରଙ୍କ ଡନ ଯୋଡ଼ିଆ ନେତ ଉଡ଼ୁଥାଏ । ପହଲି ଏକା ଦୃଷ୍ଟିରେ ସେଇ ଆଡ଼କୁ ଅନାଇ ରହେ । ତା ମନରେ ପୁଣି ବଡ଼ଦାଣ୍ଡ ଛୁଇଁବା ପାଇଁ ଟିକିଏ ସାହସ ଆସିଲାଣି । ସେ ଅତି ପୂର୍ବପର ବଳବଳେଇ ଉଠୁ ନାହିଁ କି ଠିଆରେ ଭୟଙ୍କର ସ୍ୱପ୍ନ ଦେଖି ଚମକି ପଡ଼ୁନାହିଁ । ପାଖରେ ଶୋଇଥିବା କୁଷ୍ଠ ରୋଗିଣୀଟା ହୁଏତ ପଚାରେ, "ଆଉ କେତେଦିନ ତୁ ହାତ ବାନ୍ଧିବୁ ମଉସା ?" ପହଲି ହାତ ଆଙ୍ଗୁଠି ଗଣି ଠାରି ଦିଏ "ଆଉ ସାତଦିନ ।"

ସାତଦିନ ପରେ ପହଲି ଗାଆଁକୁ ଫେରି ଆଇଲା । ସେ ଗେଲବୋଉର ବିସଖଡ଼ୁ ବାସନ କୁସନ ବିକି ଟଙ୍କା ପାଞ୍ଚଟା ଅଣ୍ଟାରେ ଖୋଞ୍ଚି ପୁରସ୍ତମ ଯାଇଥିଲା । ଘରଯାକର ସବୁ ଦରବ ବିକି ସେ ପୁରସ୍ତମରେ ପାତକ ଛଡ଼ାଇ ଆଇଚି ।

ମାସେ ଏକୋଇଶି ଦିନ ପୂରିଲା ଦିନ ସେ ପଞ୍ଚଗବ୍ୟ ହେଇ, ବ୍ରାହ୍ମଣ ଭୋଜନ କରାଇ, ମୁକ୍ତିମଣ୍ଡପର ଗୋସାଇଁ ମହାପୁରୁଷମାନଙ୍କୁ କିଛି କିଛି ଅଣ୍ଟା ଖୋଲା ଦେଇ ସେମାନଙ୍କର ପାଦଧୂଳି ଆଉ ଆଶୀର୍ବାଦ ନେଇ ଘରକୁ ଫେରି ଆଇଲା । ଆଇଲାବେଳେ ଗେଲବୋଉ ପାଇଁ ମହାର୍ଦ୍ଦ କୋଡ଼ିଏ ଆଉ ଶୁଖିଲା ନିର୍ମାଲ୍ୟ କେତେ ମୂର୍ତ୍ତି ମଧ୍ୟ ଆଣିବାକୁ ଭୁଲି ନ ଥିଲା । ଘରଫେରିଲାଣି ପହଲିର ପାଦ ତଳେ ଲାଗୁ ନ ଥିଲା । ତା' ମନଟା ଖାଲି ଖୁସିବାସିରେ ଉଚ୍ଛୁଳି ଉଠୁଥିଲା ।

ମାଇ ସଞ୍ଜର କଅଁଳ ଅନ୍ଧାର ଗାଆଁ ଉପରେ ତାର ପାତଳ ଓଢ଼ଣି ଘୋଡ଼ାଇ ଦେଇଥାଏ । ଗାଁ' ମୁଣ୍ଡ ମାହାଳ ଗଛ ଉପରେ ମହୁମାଛିମାନଙ୍କର ସଞ୍ଜ ସଭା ବସିଥାଏ । ଗେଲବୋଉ ତାର ଭୋକିଲା ମୁହଁ ଉପରେ ଲୁଗା ପଣତ ଢାଙ୍କି ଦେଇ ବୃନ୍ଦାବତୀଙ୍କ ପାଖରେ ସଞ୍ଜବତିଟି ରଖି ଦଣ୍ଡବତ ହବା ବେଳକୁ ପଛରୁ ପହଲି ଡାକିଲା - "ଘର ଦ୍ୱାର ସବୁ ଭଲ ଅଛି ତ ଗେଲବୋଉ ?"

ଗେଲିବୋଉ ଯାହା ଜବାବ ଦେଲା ସେଥିରେ ପହଲିର ହାଲୁକ ଶୁଖିଗଲା । ତାର ଘର ଫେରନ୍ତା ଖୁସିବାସି ଆଖିପିଛୁଳାକେ କୁଆଡ଼େ ଉଭେଇଗଲା । "ଘରେ ପନ୍ଦର ଦିନ ହବ ଗୁଡ଼ର ନାହିଁ, ମାଣ୍ଡିଆତକ ଛେଳି ଖାଇଗଲେ, ଦିନଦିନ ତଳେ ଯଉଁ ଶୀତଦିନିଆ ଅକାଳ ଝଡ଼ ହେଇଥିଲା ସେଥିରେ ହାଣ୍ଡିଶାଳ ଘର କାନ୍ଥଟା ଭୁସୁଡ଼ି ପଡ଼ିଚି । ଆଉ ଭାଗ ବଳରୁ ଯଉଁ ଧ୍ୱାଁଳିଆ ଅମର ହେଇଥିଲା, ତାକୁ ଜମିଦାର ପାଆଣ୍ଡେ-ସେ ପୁରସ୍ତମ ଯାଇଥିବା ବେଳେ ଆଗତ ସାଲର ବାକି ଖଜଣା ବାବଦକୁ ଜବତ କରି ନେଇଚନ୍ତି । ଗତ ସାଲର ଖଜଣା ମାସକ ଭିତରେ ନ ଦେଲେ ପୁଣି ଘରଦ୍ୱାର କୋରଖ କରିବେ ବୋଲି ଧମକ ଦେଇଚନ୍ତି ।

ମୁଣ୍ଡରେ ହାତଦେଇ ପହଲି ସବୁ ଶୁଣିଲା । କିଛି କହିଲା ନାହିଁ । ସେ ଗୋଟାଏ ପୁରୀରୁ ଆଣିଥିବା ମହାର୍ଦ୍ଦ ଏକରକମ କଟିଗଲା ।

Digitized by PPRACHIN, SOA

ସଖୀଲୁ ପହଲ ଦେଖିଲା ଚୁଲିକି ହାଂଡ଼ି ଯିବାକୁ ଗୁଡ଼ିଲା ନାହିଁ । ପଇପଈବା ତ ଦୂରର କଥା । ହାଂଡ଼ିଶାଳ ଘରେ କାଂଥ ଭୁସୁଡ଼ି ପଡ଼ି ମାଟି ଗଦା ହୋଇଛି । ଗୋଟାଏ କଣରେ ଗୋଟାଏ ମସ୍ତବଡ଼ ଉଇ ହୁଂକା ମୁଂଡ଼ ଟେକି ଛିଡ଼ା ହେଲାଣି । ହାଂଡ଼ିକୁଂଡ଼େଇ ହୋଇ ଯାହା ଦିଖଂଡ଼ ଥୋଇ, ତାହା କାଂଥରୁ ମାଟି ଖସି ଚୂନଚୂନ ହୋଇ ଯାଇଛି । ଘର ଭିତର ଖପର ଖଂଡ଼ ଖଂଡ଼ ହଉଛି । ପହଲ ଦିମାସ କାଳ ପଡ଼ିଆ ହୋଇ ପୁରସ୍ତମରେ ବସିଥିଲା— ଘରେ ଫଟା ପାହୁଲଟାଏ ବି ନାହିଁ । ବଂଧା ଛଂଦା ବା ବିକାକିଣା କରିବାପାଇଁ ଯାହା ଭଂଗାଦଦରା ହୋଇ ଦିଖଂଡ଼ କାଗଜପତ୍ର ଥିଲା, ସେ ସବୁ ତ ପହଲ ବିକି ଭାଂଗି ପୁରୀରୁ ଗୋହତ୍ୟା ପାତକ ଛଡ଼ାଇ ଆଇଛି ! ବାକୀ ଅଛୁ କଣ ଯେ ସେଥିକି ଆଜି ସେ ହାତ ବଢ଼ାଇବ ? ମାଇପ ହାତରେ ଖାଲି ଶଂଖା ପଟିଏ— ଦିନକୁଦିନ ବେଶି ବେଶି ଝୁଙ୍ଗୁରା ହୋଇଯାଉଛି ।

ସଖୀଲୁ ପହଲକୁ ଦେଖି ଗାଆଁ ବ୍ରାହ୍ମଣେ ଧାଇଁଲେ, ଭୋଜନୀ ଦବାକୁ ହବ । ଗାଁ ବ୍ରାହ୍ମଣ ଶୁଦ୍ଧ ନ କଲେ କୁଆଡ଼େ ପାତକ ଗୁଡ଼ିବ ନାହିଁ । ଜମିଦାରଂକ ପିଆଦା ଆସି ଦୁଆରେ ବସିଲା । ଗତ ସାଲର ଖଜଣା ପରିଶୋଧ ନ କଲେ ସାଆଂତେ ମକଦମା କରିବେ । ଜାଉଭାଇ ଧରି ବସିଲେ, ଜାଉଭାତ ଦେଇ ଶୁଧିଅ ହେବାକୁ ପଡ଼ିବ ।

ପହଲ ମୂଲ ଲାଗିବାକୁ ବାହାରିଲା । ମାତ୍ର ପୁଷୁମାସ, ଧାନକଟା ପରେ ପାଇଟି କାହୁଁ ଜୁଟିବ ? ତା ଛଡ଼ା ପହଲ ଲକ୍ଷ କଲା ଯେ, ଗାଁ ଲୋକେ ତାକୁ ଦେଖି ଆଜିକାଲି କମିଡ ନାକ ଟାଉଁ ଟାଉଁ କରୁଛଂତି । ଜଣେ ସେ ଦିନ ତାକୁ ବଡ଼ପାଟି କରି ଶୁଣାଇ ଦେଲା—"ଗୋରୁ-ମରାଟାକୁ ଛୁଇଁଲେ ଛୁଆଁ ଲାଗିବ ।" ପହଲ ସେଦିନୁ ଆଡ଼ଛଡ଼ା ହୋଇ ରହିଛି, କାହାରି ସାଥିରେ ବଲେ ପଣି ମିଳାମିଶା କରୁନାହିଁ ।

ଜାଉଆଣି ଭାତ ଦେଇ ନ ପାରିବାରୁ ପହଲ ଅଜାତିଆ ହେଲା । ସବୁଆଡ଼ୁ ବାସଂଦ । ବ୍ରାହ୍ମଣ ଗୋସେଇଁମାନେ ଅଡ଼ି ବସିଲେ । ଧୋବା ଭଂଡ଼ାରି ନିଆଁ ପାଣି ସବୁ ମନା ହୋଇଗଲା । ପହଲ ଏକଘରକିଆ ହୋଇ ରହିଲା ।

ପହଲର ସାଲଗଜା ପରି ଦିହଟା ଗୃହୁଁ ଗୃହୁଁ ଆସି କଂଟା ହୋଇ ଗଲାଣି । ଗେଲ ବୋଉକୁ ଫୁଂକି ଦେଲେ ପଡ଼ିଯିବ । ଖାଲି ହାଡ଼ ଦିଖଂଡ଼ ଦେଖା ଯାଉଛି । ସେ ସ୍ତ୍ରୀକୁ ବାପ ଘରକୁ ପଠାଇ ଦେଲା ।

ପହଲର ଦିନେ ଚୁଲି ଜଳିଲେ ଦି ଦିନ ଖାଡ଼ା ଉପାସ । ଦୋକାନୀ ଧୋବ ସାହୁ କରିଆ ଦବାକୁ ନାହିଁ କରି ଦେଲାଣି । ପହଲକୁ ବୁଦ୍ଧି ଦିଶୁ ନାହିଁ ।

ଦୁଃଖ ଅଭାବ ହାନି ଗ୍ଳାନି ସହି ସହି ପହଲର ମୁଂଡ଼ ଖରାପ ହୋଇ ଗଲାଣି । ସେ ପୁରସ୍ତମ କ୍ଷେତ୍ରରେ ଏତେ ଟଂକା ପଇସା ଖର୍ଚ କରି ମନର ଯଉଁ କଳା ଦାଗଟାକୁ ଲିଭାଇ ଦେଇ ଆସିଥିଲା, ତାହା ପୁଣି ଗହିରିଆ ହୋଇ ତା ମନ ଉପରେ ଗାର କାଟିଲାଣି ।

ଆଗପରି ପୁଣି ସେଇ ଭୟଂକର ସ୍ୱପ୍ନ ତାକୁ ବେଳେ ବେଳେ ପାଗଳ କରି ପକାଉଛି । ସେ ବେଳେ ବେଳେ ଚମକି ଉଠୁଛି । ତାର ମନେ ହେଉଛି, ଗୋଟାଏ କଣ

Digitized by PPRACHIN, SOA

କାଳିଆ ହୋଇ ଯିମିତ ସଁ ସଁ ହୋଇ ତା ଚାରିପଟେ ଚରି ବୁଲୁଚି । ସେ ରାତିରେ ସ୍ୱପ୍ନ ଦେଖୁଚି ଗୋଟାଏ ମାରଣା ବଳଦ ତାକୁ ଯେପରି ଶିଂଗରେ ଭୁଷି ଦେବା ପାଇଁ ନାଂଜ ଠିଆ କରି ଧାଇଁ ଆଉଚି । ସେ ସପନରେ ବଳବିଳେଇ ଉଠୁଚି—"ହେଇ, ଆଇଲା, ଭୁଷି ଦବ, ଭୁଷିଦବ ପଳାଅ, ପଳାଅ···।"

ପହିଲର ସବୁ ଯାଇ ବାକି ଯାହା ଥିଲା, ସେଇ ଭଂଗା ଘର ଖଂଡ଼ିକ ମଧ ଶେଷରେ ଖଜଣା ଦେଇ ନ ପାରିବାରୁ ନିଲାମ ହୋଇଗଲା । ତାର ଏତେ ବଡ଼ ଦୁନିଆରେ ମୁଂଡ ଗୁଂଜିବାକୁ ବାଡ଼ି ଗୋବରେ ଗୋଟେ ହେଲେ ଆଉ ରହିଲା ନାହିଁ । ଘରଖଂଡ଼ିକ ନିଲାମ ହେଲାବେଳେ ପହିଲି ବକ୍ ବକ୍ ହୋଇ ଅନାଇ ରହିଥିଲା । ତା ପାଟିରେ ଉଁ କି ଚୁଁ କଥା ଫୁଟୁ ନଥିଲା । ତାକୁ ଯେତେବେଳେ ଜଣାଇ ଦିଆଗଲା ଯେ ଏଣିକି ଆଉ ସେ ଘରେ ରହିପାରିବ ନାହିଁ ସେତେବେଳେ ସେ ଚୁପକରି ଉଠି ଛିଡ଼ା ହେଲା । ତାପରେ ଗୋଟାଏ ସାବଲ ନେଇ ଦାଂଡ଼ଶାଳ ଘରୁ ତାର ଇଶାଣ ବେଦୀ ଆଉ ବାଡ଼ିପଟ କାଂଥରୁ ତାର ମଲାହିଅ ଗେଲିର ଷଠି ଗାତଟାକୁ ତାଡ଼ି ନେଇ ଆସି ଧୀରେ ଧୀରେ ସେ ଘର ଗୁଡ଼ି ପଦାକୁ ବାହାରିଲା । ସେଇ ଯେ ଗଲା, ଆଉ ଥରେ ହେଲେ ସେ ଫେରି ଅଇଲା ନାହିଁ ।

ବାପ ଅଜା ଅମଳର ଘର ଖଂଡ଼ିକ ଯିବା ପରେ ପହିଲର ମନର ଅବସ୍ଥା ଆଉରି ଖରାପ ହୋଇଗଲା । ସେ ଏ ଓଳି ସେ ଓଳି ହୋଇ କୌଣସି ପ୍ରକାରେ ଦିନ କଟାଇ ଦେବାକୁ ଲାଗିଲା ।

ଘର ମଝିରେ ଥିବା ଝଂକା ସଜନା ଗଛଟି ପହିଲର ଖୁବ ପ୍ରିୟ । କୁଢ଼ କୁଢ଼ କରି ଅଇଁଠା ପାଉଁଶ ତା ମୂଳରେ ଓଜାଡ଼ିଚି ସେ । ସଜନା ଗଛରେ ଛୁଇଁ କେଧା କେଧା ଫଳ ତଳେ ଝୁଂଡ଼ିଚି ପଛେକେ ସେଥିରୁ ଗୋଟେ ତୋଳି ଆଣି ପଖାଳ ଖାଇବା ପାଇଁ ତା ହାତ ଯାଇ ନାହିଁ ସଜରେ । ତାରି ଛାଇରେ ବସି କେତେ ଜହ୍ନରାତି ସେ କଟାଇ ଦେଇଚି । ଦାଂଡ଼ରେ ଠିଆ ହୋଇ ଦିନେ ଦିନେ ପହିଲି ସେଇ ଗଛଟା ଆଡ଼କୁ ଚାହେଁ—ତା ମୂଳରେ ଟିକିଏ ଯାଇ ବସିବା ପାଇଁ ତାର ଖୁବ ଇଚ୍ଛା ହୁଏ । କିଂତୁ ସେ ଫେରି ଆସେ । ସାଆଂତ ଘରର ଜଗୁଆଳଟା ତାକୁ ଦେଖି ଥଟା କରି କହେ "କବେ, ଗୋରୁମରା ପହିଲ !"

ପହିଲର ମନେ ପଡ଼େ ତା ଘରର ପଛପଟ ପିଂଡ଼ାତଳେ ବୁଦା ବୁଦା ହୋଇ କାନସିରି ଶାଗ ମାଡ଼ିଥିବ । କୂଅ ମୂଳେ ସେଇ ସଦାବିହାରୀ ଆଉ ଗୋଡ଼ିବାଣ ଗଛ ଗୁଡ଼ାକ ବୋଧହୁଏ ଫୁଲରେ ନେଥି ହୋଇଯାଉଥିବ, ତାର ମନ ତାକେ କମିତ ଟିକିଏ ଯାଇ ସେ ଏସବୁ ଗୁଡ଼ାକ ଥରେ ଆଖି ପୂରାଇ ଦେଖି ଆସଂତା କି !

ତା ଭଂଗା ଛାତି ଭିତରେ କୋହ ଉଠେ । ତା ମନଟା ଚୂନା ଚୂନା ହୋଇ ଭାଙ୍ଗି ପଡ଼େ ! ସେ ଚେଇଁ ଚେଇଁ କେତେ କଣ ବିକଟାଳ ସ୍ୱପ୍ନ ଦେଖେ । ବାଉଳି ଚାଉଳି ହୁଏ । ତାର ମନେ ହୁଏ, ସେ ଯିମିତ ଜିଆଁ ଭିତରେ କଉଦିନ ମରି ଗଲାଣି ।

× × × ×

Digitized by PPRACHIN, SOA

ଘର ନିଲମ ହବାର ମାସ ଗୋଟାକ ପରେ ସାହୁବାଲି ଭିନେ କଥାବାର୍ତ୍ତା ହେଲେ—ପହିଲି ପଧାନ ପାଗଳ ହେଇ ଗଲାଣି । ଗୁହମୂତ ସାଲୁବାଲୁ ହେଇ ଏଣେ ତେଣେ ବୁଲୁଚ, ଥାଉ ମଣିଷ ଦେଖିଲେ କହୁଚ—ହେଇ, ଆଇଲା, ଆଇଲା, ଭୁସିଦବ, ଭୁସିଦବ, ହୁସିଆର ।

ପାହାଡ଼କୁ ଜାଳେଣିକାଠ ଗୋଟାଇବା ନାଗି କେତେଜଣ ବାଉରୁଣୀ ଟୋକୀ ଯାଇଥେଲେ । ସେମାନେ ସଂଜବୁଡ଼େ ଧୋବ ସାହୁ ଦୋକାନ ମୁଂଡ଼ରେ କଥାଭାଷା ହଉଥେଲେ—ପହିଲି ପାହାଡ଼ ଉପରେ ବଇଚ—ଖାଲି ବଳଦଂକ ପରି ବୋବାଳି ଛୁଡ଼ଚ—ଆଉ କଉଚ—"ହେଇ ଆଇଲା, ଆଇଲା, କେଡ଼େ କେଡ଼େ ଶିଂଗ ହେଇଚ, ଖାଲି ସଁ ସଁ ହଉଚ । ମୁଁ ମରିଗଲି, ମୁଁ ମରିଗଲି, ସାଆଂତେ" ।

ସବୁ ଶୁଣି ଗଂଭୀର ହେଇ ନିଧି ମିଶ୍ରେ କହିଲେ—ତା ପାପ ତାକୁ ଦେଖେଇବ ନାଇଁତ ଯିବ କୁଆଡ଼େ ? ଶୁଦ୍ଧ ନ ହେଲେ କି ଗୋହତ୍ୟା ପାପ ଛୁଡ଼େ ? ଯେତେ କହିଲୁଁ, ଆମ କଥା ଗଂଧେଇଲା । ଟଂକା ଦଶ୍ଟା ଖର୍ଚ୍ଚ କରି ବ୍ରାହ୍ମଣ ଭୋଜନଟା କରାଇ ଶୁଧିଅ ହେଇ ଯାଇଥିଲେ ଆଜି ସେ ସୁରୁଖୁରୁରେ ଝାଡ଼ଝୁଡ଼ି ହେଇ ବଇଥାଂତା । ଧର୍ମ କଣ କୁଆଡ଼େ ଯାଇଚ ?

ପରୀକ୍ଷିତ ବ୍ରହ୍ମା କହିଲେ—ଆଜିକାଲି ଶାସ୍ତ୍ର ପୁରାଣ କଥା କିଏ କଣ ମାନୁଚଂତି, ମିଶ୍ରେ ? ଦେଖୁନ ମଲାବେଳେ କମିତି ଗୋରୁପରି ବୋବାଉଚ ? ତାକୁ ଆସି କାଳ ପୂରିଲାଣି । ତା ପାପ ତା ଆଗେ ଆଗେ ଯାଉଚ ନା ଲୁଚୁଚ ?

ନଗ୍ରଟିଆ ପାହାଡ଼ ଉପରେ ପହିଲିର କଂକାଳ । ଗୋଟାଏ ଭୟାନକ କଳ୍ପନାର ପ୍ରେତାତ୍ମା ତା ମନ ଉପରେ ନଂବ ନଂବ ଗୁଇ ପକେଇ ମାଡ଼ି ବଇଚ । ସେଥିରୁ ତାର ଉଦ୍ଧାର କାଇଁ ? ତା ସଂଗରେ ଏକଜୁଟ ହେଇଚଂତି ବହୁଦିନର ଭୋକ, ଓପାସ, ଅଭାବ, ଯଂତ୍ରଣା ଆଉ ଅପମାନ । ସମସ୍ତେ ମିଳି ତା ମନଟାକୁ ଚୂନା ଚୂନା କରି ପେଶି ଦବାକୁ ବଇଚଂତି ।

ପହିଲି ଦେଖୁଚ ତା ଆଗରେ ଘରଦ୍ୱାର, ସ୍ତ୍ରୀ-ପରିବାର, ଜ୍ଞାତିକୁଟୁଂବ କେହି ନାହାଂତି । ଅଛି ଖାଲି ଗୋଟାଏ ଫାଂକା ନିଶୁନ···। ଆଉ ଅଛି ଗୋଟାଏ ମସ୍ତବଡ଼ ପୋଥି—ପୃଷ୍ଠାରେ ତାର ଲେଖା ହେଇଚ ବଡ଼ ବଡ଼ ଯମଦୂତଂକ ଛବି, କଳା କଳା ଆଖି, ଗୋଜା ଗୋଜା ଶିଂଗ । ସେ ପୋଥିର ଅକ୍ଷର ଗୁଡ଼ାକ ଗୋଟେ ଗୋଟେ ଯିମିତି ଘୋରଣା ଚକ···।

ପହିଲିର ମନେ ହୁଏ ସେ ଗୋରୁ ମାରି ନାଇଁ ଯେ ତା ନିଜ ବେକରେ ଛୁରି ବସେଇଚ ।

ପହିଲିର ଅଚଳ ଭାବଦା ମନଟା ଆଉ ହଲଚଲ ହୋଇ ପାରୁ ନାଇଁ । ସବୁ ତାକୁ ମାଡ଼ି ମାଡ଼ି ପଡ଼ୁଚ, ଗୁରିଆଡ଼ ଖାଲି ତାକୁ ଖାଁ ଖାଁ ଜଣା ଯାଉଚ ।

ବେତନଟୀର ଘଂଚ ଅରମା ଭିତରୁ ଡାମରାକାଉ ଡାକିଯାଏ 'କା-କା-କା' । ବଣ, ନଟା, ମୁଂଡ଼ିଆ ସମସ୍ତେ ଯିମିତି ଜୀଅଂତା ମଣିଷ ପରି ଭୁହାଇ ଭୁହାଇ ତା କାନ ଭିତରେ ଡାକିଯାଆଂତି ଆ—ଆ—ଆ ।

Digitized by PPRACHIN, SOA

ପହଲ ଦେଖିଲା ତଳ ଗାଁ ଗ୍ରାମ ଗଉଡ଼ର ମଡ଼ାଟା । ତା ମଲା ମୁହଁରେ ଟହ ଟହ ଉଚ୍ଛୁଳା ହସ ।

ଆଉ ଦୂରରେ ଗୋଟାଏ କଣ ସଅଁ ସଅଁ ହେଇ ଚରୁଚ !!!

ପହଲ ଭୟରେ ଚରଚରେଇ ଉଠି ବେହୋସ ହେଇ ତଳେ ଗୋଟାଏ ମୂନିଆ ପଥର ଉପରେ କଚଡ଼ି ହେଇ ପଡ଼ିଲା ।

ତହିଁଆରଦିନ ପହରେ ଗୋଟେଇ ଟୋକାଏ ଯାଇ ଗାଁରେ ରାଷ୍ଟ୍ର କଲେ—ପହଲ ଫୁଲୁ ଫୁଲୁ ହେଇ ହାଁ କରିଚ ଏଇନା କି ଆଉ ଟିକେ···।

ଛେଳି ଜଗୁଆଳି ନୋକା ଯାଇ ସାହି ମଝିରେ ହାତ ଗୋଡ ହଲାଇ କହିଲା—ଦ୍ୱ'ଟା ଯମଦୂତ ପହଲକୁ ଜଗି ବଇଚନ୍ତି । ମୁହଁଗୁଡ଼ାକ ତାଂକର ବଳଦ ପରି । ସେ ଧୋ ଧୋ କରି ଦବାରୁ ସେମାନେ ପଲାଇ ଗଲେ ।

ଗାଁର ଦ୍ୱ'ଗୁରି ଜଣ ଭେଂଡ଼ିଆ ଯାଇ ଦେଖି ଆଇଲେ ଗୋଟେ ପଥର ସଂଧିରେ ମୁଂଡ଼ି ଗେଂଜି ପହଲ ପଡ଼ିଚ । ତା ଖପୁରିରୁ ଫାଂଲେ ଉଡ଼ିଯାଇ ଦହି ବାହାରି ପଡ଼ିଛୁ ।

ଖବର ପାଇ ସେଇ ରାତିରେ ଗେଲ୍ ବୋଉ ଆଇଲା । ସେ ଗିରସ୍ତକୁ ଶୁଧ୍ୟ କରି ଗୋରୁମରା ପାତକରୁ ଉଦ୍ଧାର କରିବା ନାଗି ବାପଘରୁ କିଛି ଟଂକା ଧରି ଆଇଥିଲା । ସେଇ ରାତିରେ ତା'କୁ ଟିକିଏ ପହଲ ପାଖକୁ ନେଇଯିବା ପାଇଁ ସେ କେତେ ନୋକଂକ ପାଖରେ ନେହି ନେହୁରା ହେଲା । ମାତ୍ର ଏଡ଼େ ବଡ଼ ଗାଁଟାରେ ଜଣେହେଲେ କେହି ରାତି ଅଧରେ ମୁଂଡ଼ିଆ ଉପରକୁ ଯିବାକୁ ମଂଗିଲେ ନାହିଁ ।

ବଡ଼ିସକାଳୁ ଗେଲବୋଉ ମୁଂଡ଼ିଆ ଉପରକୁ ଯାଇ ବାଉରୁଣୀ ଟୋକୀଂକ ଠାରୁ ସଂଧାନ ନେଇ ଦେଖିଲା, ପହଲ ମରିଗଲାଣି । ତା ପାଟିରୁ ଫେଣ ବାହାରି ପଡ଼ିଚ, ଆଖି ଖୋସି ହେଇ ଯାଇଚ, କାନପାଖ ଖପୁରିରୁ ଫାଲେ କେନା କେନା ହୋଇ କୁଆଡ଼େ ଉଡ଼ି ଯାଇଚ ।

ତା ଆଖିରୁ ଲୁହ ମରି ଯାଇଥିଲା । ସେ କେବଳ କଲବଲ ହେଇ ସେ ଆଡ଼କୁ ଅନାଇ ରହିଲା ।

ଅଣଶୁଧିଆ ପହଲର ମୁର୍ଦ୍ଦାର କିମିତି ଉଠିବ ଏକଥା ନେଇ ଗାଁରେ ଭାରି ଯୁକ୍ତିତର୍କ ଚାଲିଥିଲା ।

ଗେଲବୋଉ ଗିରସ୍ତକୁ ଶୁଦ୍ଧ କରିବା ପାଇଁ ବାପଘରୁ ଆଣିଥିବା ଦଶଟି ଟଂକା ପଣତ କାନରୁ ଫିଟାଇ ଗାଁର ମୁରବିମାନଂକ ହାତକୁ ବଢ଼ାଇ ଦେଇ ନଂବ ହୋଇ ସମସ୍ତିଂକ ଗୋଡ଼ତଳେ ପଡ଼ିଗଲା ।

ବ୍ରାହ୍ମଣ ଗୋସାଇଁ ଆଉ ଜାତିଭାଇମାନେ ଖୁସି ହେଇ ପହଲର ମୁରଦାରକୁ ଆଶୀର୍ବାଦ କଲେ ।

Digitized by PPRACHIN, SOA

ରଜାପୁଅ

ମେଘନାଦ ପାଚେରି ଡେରି ଉଆସ ଭିତରେ ରାଜଜେମା ବଂଦିନୀ । ସିଂହ ଦୁଆରେ ପଂକ୍ତି ପଂକ୍ତି ଯୁଆନ ସିପାହି ପହରା ଦେଉଛଂତି ।

କୋଷ୍ଠି ଗଣନା କରି ରାଜାଂକୁ ଜ୍ୟୋତିଷ କହିଛଂତି, ଏ କନ୍ୟା ତାଂକର ଅଶେଷ ମନସ୍ତାପର କାରଣ ହେବେ । ରାଜା ସେଥିପାଇଁ ଜେମାଂକୁ ପିଲାଟିଦିନୁ ଗଡ଼ ବାହାରେ ଘୋର ବନସ୍ତ ଭିତରେ ଏକ ବିରାଟ ନଅର ତୋଳାଇ ତା'ରି ଭିତରେ ବଂଦିନୀ କରି ରଖିଛଂତି ।

ବାହାରର କୌଣସି ଜନପ୍ରାଣୀ ଯେପରି ଜେମାଂକର ଛାଇ ଦେଖି ନ ପାରେ, ସେଥିପାଇଁ ନଅର ଚାରିପଟେ କଡ଼ା ପହରାର ଲୁହା ବାଡ଼ ଘେରାଇ ରଖାଯାଇଛି । ଦଳ ଦଳ ଯୁଆନ ସିପାହିଂକ ଉପରେ ଜଗୁଆଳ ହୋଇ ରଖା ହୋଇଛି ବୁଢ଼ା ସର୍ଦ୍ଦାର ପାହାଡ଼ ସିଂହକୁ—ଛାତିରେ ଯା'ର ହାତୀର ବଳ—ଆଖି ଦି'ଟା ଯାହାର ବାଘର ନଖ ପରି; ମୁନିଆଁ ଆଉ ଶାଣ ।

ରାଜଜେମାଂକର ମନ ଖରାପ । ସେ ଅତି ଦୁଃଖରେ ବସି ବୀଣା ବଜାଉଛଂତି ।

ଅବଂତୀ ଦେଶର ରାଜକୁମାର ଶିକାରକୁ ଯାଇଥିଲେ । କ୍ଳାଂତ ରାଜପୁତ୍ର ଜଂଗଲ୍ ଭିତରେ ଏକ ପୋଖରୀ କୂଳରେ ବିଶ୍ରାମ କରୁଛଂତି । ଘୋଡ଼ାଟି ନିକଟରେ ବଂଧା ହୋଇଛି, ହାତର ଧନୁ ହୁଗୁଳା ହୋଇ ପଡ଼ିଛି ତଳେ ।

ରାଜକୁମାରୀଂକ କାଂଦଣା ପବନରେ ଭାସି ଆସି ପୋଖରୀ ଜଳ ଭଉଁରୀ ସଂଗେ ପହଁରି ପହଁରି ଲେଉଟି ଯାଉଛି ଭୂଇଁରେ । ରାଜକୁମାର ଚମକି ପଡ଼ିଲେ ।

ଜନହୀନ ଜଂଗଲ ମଝିରେ ନାରୀର କାଂଦଣା । ରାଜକୁମାର ସେଇ ସ୍ୱର ପଛେ ପଛେ ଯାଇ ପହଂଚିଲେ ଏକ ଫୁଲଗଛ ଘେରା, ମେଘନାଦ ପାଚେରି ଢଂକା ଅଟ୍ଟାଳୀ ନିକଟରେ ।

ବାତାୟନ ତଳେ ଠିଆ ହୋଇ ରାଜପୁତ୍ର ଦେଖିଲେ, ରାଜକୁମାରୀ କୋଠା ଉପରୁ ତାଂକର ଆଡ଼କୁ ଚାହିଁଛଂତି । ଆଖିରେ ତାଂକର ଅବୁଝା ସଂକେତ—ଓଠ ତଳେ ତଳେ କରୁଣ ହାସର ଇସାରା ।

Digitized by PPRACHIN, SOA

ଏହି ସମୟରେ ନିଜ ଆଖିର କଜଳ ମିଶା ଲୁହରେ ଖଂଡ଼େ ଭୂର୍ଜପତ୍ର ଉପରେ କଣ ଲେଖି ରାଜକୁମାରୀ ଅଟାଳୀ ଉପରୁ ଫିଂଗିଦେଲେ । ସେଥିରେ ତାଂକର ସମସ୍ତ ବୃତ୍ତାଂତ ଲେଖାଥିଲା ।

ରାଜକୁମାର ଧନୁରେ ହୁଲ ଦେଇ ସିଂହଦ୍ୱାର ଆଡ଼କୁ ଘୋଡ଼ା ବାଗେଇଲେ । ସର୍ଦାର ପାହାଡ଼ ସିଂହ ବସି ଅରଟରେ ସୂତା କାଟୁଚ—ସିପାହିମାନେ ଦ୍ୱିପହର ଖରାରେ ହାଲିଆ ହୋଇ ଯିଏ ଯେଉଁଠି ଶୋଇ ପଡ଼ିଚଂତି । ଏଇ ଜନଶୂନ ନିର୍ଜନ ରାଜପୁରୀରେ ଶତ୍ରୁର ଆଶଂକା ସେମାନଂକର ମନକୁ କେବେହେଲେ ଛୁଇଁ ନାହିଁ ।

ରାଜପୁତ୍ରଂକ ଘୋଡ଼ାଟାପୁର ଶବ୍ଦ ଶୁଣି ଅପ୍ରସ୍ତୁତ ଜଗୁଆଳ ବାହିନୀ ଚମକି ପଡ଼ି ଛିଡ଼ା-ହେଲେ । ସର୍ଦାର ଶିଂଘା ବଜାଇଲା । ସିପାହିମାନେ ହାତରେ ବର୍ଛା ଧରିଲେ ।

ରାଜକୁମାର ଧନୁରେ ଦୁଇଟି ତୀର ଯୋଜନା କଲେ । ତା'ପରେ ସର୍ଦାରର ଦୁଇ ଆଖିକି ଲକ୍ଷ୍ୟ କରି ସେ ବିଂଧିଦେଲେ ଦୁଇଟି ଶର । ସର୍ଦାର ହୁଂକାର ଗୁଡ଼ି ତଳେ ପଡ଼ିଗଲା । ପାଇକର ସଂଗୀନ ପରି ହିଂସ୍ର ତାର ଦୁଇଟି ଆଖିରୁ ବୋହି ଆସିଲା ଦୁଇଧାର ଗରମ ରକ୍ତ...

ସିପାହିମାନେ ହାତରେ ବର୍ଛା ଧରି ଧାଇଁ ଆସିଲେ ରାଜକୁମାରଂକ ଆଡ଼କୁ । କିଂତୁ ରାଜକୁମାର ଘୋଡ଼ା ଝିପଟାଇ ବିଜୁଳି ପରି କ୍ଷଣକେ ଅଂତର୍ଧାନ ହୋଇ ଯାଇ ପୁଣି ପଛକୁ ଫେରିପଡ଼ି ଗୋଟିକ ପରେ ଗୋଟିଏ ସିପାହିକୁ ତୀର ମାଡ଼ରେ ଗଛ କାଟିଲା ପରି ତଳକୁ ଖସାଇ ଦେଲେ । ବାକୀ ଯେଉଁମାନେ ରହିଲେ, ସେମାନଂକ ଭିତରୁ କେତେଜଣ ରାଜକୁମାରଂକ ଚାରିପଟେ ଘେରି ଯାଇ ତାଂକୁ ମାରିବା ପାଇଁ ବର୍ଛା ଉଠାଇଲେ ।

ଦର୍ଶକମାନେ ଭୟରେ କଳାକାଠ ପଡ଼ିଗଲେ । ରାଜକୁମାର ଜୀବନ ମରଣର ସଂଧି-କ୍ଷଣରେ । ବେହେଲବାଲା 'ତାର' ଉପରେ ଏକ କରୁଣ ମୂର୍ଚ୍ଛନା ଖେଳାଇଲା । ଗୋଟାଏ ବର୍ଛା ଫଳକ ଆସି ରାଜକୁମାରଂକ ଦକ୍ଷିଣ ବାହୁ ବିଦ୍ଧ କଲା । ଯେଉଁମାନେ ସୁଆଂଗ ଦେଖୁଥିଲେ, ସେମାନଂକ ଆଖିପତା ଲୁହରେ ଛଳ ଛଳ ହୋଇ ଆସିଲା । ମାଣିକ କାନି ପଣତରେ ଲୁହ ପୋଛୁଲା ।

ରାଜକୁମାର ତୂଣୀରୁ ଆଉ ଗୋଟିଏ ଶର କାଢ଼ିଲେ । ଲଂଟଣ ଆଉ ମଶାଲ ଆଲୁଅରେ ଶରଟା ଚକ୍ ଚକ୍ କରି ଉଠିଲା । ସିପାହିମାନଂକର ଉଦ୍ୟତ ଆକ୍ରମଣ କ୍ରମେ ନିକଟତର ହୋଇ ଆସୁଚି ।

ଠିକ୍ ଏଇ ସମୟରେ ସେ ତୀର୍ଯକ୍ ଗତିରେ ସେମାନଂକ ଘେରରୁ ଖସି ଯାଇ ସର୍ବାପେକ୍ଷା ନିକଟତମ ସୈନିକର କପାଳ ଲକ୍ଷ୍ୟ କରି ଶର ବିଂଧିଲେ । ସେ ସୈନିକଟା ତଳେ ପଡ଼ିଯିବା ସଂଗେ ସଂଗେ ରାଜପୁତ୍ର ଅଂଟାରୁ ତରବାରି ବାହାର କରି ବିଦ୍ୟୁତବେଗରେ ଅବଶିଷ୍ଟ ଆକ୍ରମଣକାରୀଂକୁ ଛିନ୍ନ ଭିନ୍ନ କରି ପକାଇଲେ । ସେମାନେ ପ୍ରାଣ ଘେନି ଯୋ-ଯୁଆଡ଼େ ଛତ୍ରଭଂଗ ଦେଇ ପଳାଇଗଲେ ।

Digitized by PPRACHIN, SOA

ସମସ୍ତଂକ ଆଖିରେ ପୁଣି ଆଶା ଫେରି ଆସିଲା । ମାଣିକ ଲୁହ ପୋଛୁ ପୋଛୁ ଦେଖିଲା, ଶର ମାଡ଼ରେ କାତ୍ ହୋଇ ପଂକ୍ତି ପଂକ୍ତି ସିପାହିର ମୃତ ଦେହ ତଳେ ଲୋଟୁଛି— କାହାର ଜିଭ ବାହାରି ପଡ଼ିଛି ତ, କାହାର ଆଖି ତାଳୁକୁ ଖୋଷି ହୋଇ ଯାଇଛି, ଆଉ ରାଜକୁମାରୀ ବରଣମାଳା ଧରି ଅଟାଳୀ ପରି ତୋଳା ହୋଇଥିବା କ୍ରୀଡ଼ାମଂଚ ଉପରୁ ଧୀରେ ଧୀରେ ଓହ୍ଲାଇ ଆସୁଛନ୍ତି । ସମସ୍ତଂକ ସହାନୁଭୂତି ରାଜକୁମାରଂକ ଆଡ଼କୁ ଗଲା । ସମସ୍ତେ ତାଂକୁ ଧନ୍ୟ ଧନ୍ୟ କଲେ ।

ବାଉଁଶ ସାହିର ନକୁଲା ରାଜପୁତ୍ର ସୁଆଂଗ ଭିଡ଼ିଥିଲା । ତାର ପାଉଡ଼ର ବୋଳା ଗୋରା ତକ ତକ ମୁହଁ, ମୁଂଡ଼ରେ ସୁନା ମକୁଟ, ଦେହରେ ଜରିର ପୋଷାକ, ଠିକ୍ ଅବଂତୀ ଦେଶର ରାଜକୁମାର ପରି ମନାଉଥିଲା ।

ଖରତଲୀଲା ସରିଲା······। ସୁଆଂଗିଆ ଭେଶ ଫିଟାଇ, ବିଦାକ ପତ୍ର ନେଇ ଯାତ୍ରା ଖଂଗି ଯେଝା ଘରକୁ ଫେରିଗଲେ ।

ତହିଁ ଆରଦିନ ଦ'ପହର ବେଳ । ଧୁ ଧୁ ତାତି, ଗଛପତ୍ର ଖରାରେ ଆଉଳି ଯାଉଛନ୍ତି । ରାଜପୁତ୍ର ହଳଧରି ବିଲରୁ ଫେରୁଥିଲା, ତାର ଗୋରା ତକ ତକ ମୁହଁରେ ପାଉଡ଼ର ନାହିଁ । ଦିନସାରା ନ ଖାଇ ଖରାରେ ସିଝି ଦେହଟା ତା'ର ତଂବାଳିଆ ଦେଖା-ଯାଉଛି । ତାର ଶୁଖିଲା ଗାଲରୁ ଝାଳ ଟପ ଟପ ହୋଇ ନିଗିଡ଼ି ପଡ଼ୁଛି, ଅଂଟାରେ ଗୁଡ଼ାଇଛି ସେ ଖଂଡ଼େ ଓଣଓସାରିଆ କରିଆ ।

ମାଣିକ ତା ଦାଦ ପାଇଁ ବିଲକୁ କଂସା ଖଂଡ଼ିକରେ ବୁହାଭାତ ନେଇ ଯାଉଥିଲା ।

ଗାଆଁ ଶେଷ ତୋଟାରେ ଦୁହିଂକର ଦେଖା ହେଲା । ନକୁଲା ପାଂଚଣ ଖଂଡ଼ିକ ଭୂଇଁରେ ଲଗାଇ ତା ଉପରେ ଭରା ଦେଇ ଟିକିଏ ଠିଆ ହେଲା । ମାଣିକ କହିଲା— "ରଜାପୁଅ !" ତା ପରେ ହସି ଦେଇ ସେ ନିଜ କାମରେ ଚାଲିଗଲା । ରାଜପୁତ୍ର ଫେରି-ଆସିଲା ତା ଖାଉଂଦ ଘରକୁ ।

ରାଜପୁତ୍ରର ଦିନ କୌଣସି ମତେ କଟିଯାଏ । ସଖାଳୁ ତୋରାଣି କଂସାଏ ଲୁଣ ଟିକିଏ ଦେଇ ଠେଁସି ଦେଇ ସେ ପାଂଚଣ ଖଂଡ଼େ ଧରି ବାହାରେ ବିଲକୁ । ଦିନସାରା ବିଲ ମାଟିରେ ଦେହ ମିଶାଇ ସେ କାମ କରେ । କଂକାଳ ତଳୁ ପିଳେହି ମାଇଲେ କଂବା ଶୋକରେ ଆଲକା ହୋଇ ଗଲେ ସେ ହୁଡ଼ା ଉପରେ କେତେବେଳେ କମିତି ଟିକିଏ ବସି ପଡ଼େ, କଂରୁ ଖାଂଉଦ ତାର ଛତା ଖଂଡ଼େ ଧରି ବିଲ ପାଖ ଆଂବଗଛ ମୂଳେ ପହରା ଦେଉଥାଂତି । ଡାକରା ଆସେ "କରେ ବସି ଗଲୁ କି ? ଖାଇମାଲୁ—କଂସାଏ ଲେଖା ତ ଭାତ ଚୁଂକରୁ—କାମ କରିବୁ କମିତ ?" ବିଲରୁ ଲେଉଟି ନୁଖୁରା ଦେହରେ ପାଣି ଏମିତିଦାଏ ଢାଳି ନାକରେ କାନରେ ଅଇଁଠା ଭାତ ଗଂଡ଼ାଏ ଚୁଂଟି ଦେଇ ରାଜପୁତ୍ର ମାଇପା ମହଲର ବୋଲ ହାକ କରେ । ସାଂତାଣୀଂକ ପାନଗୁଆ ଆଣିବା ଠାରୁ କେମାଂକି ଭାଲୁକୁଣୀ ତିଆରି ହେବା ପାଇଁ କୋଡ଼ରୁ ଚକଟା ମାଟି ବୋହିବା ପର୍ଯ୍ୟଂତ ସବୁ ପାଇଟି ତାକୁ ତୁଲେଇବାକୁ ପଡ଼େ ।

Digitized by PPRACHIN, SOA

ତା ପରେ ଟିକିଏ ବେଳ ନେଉଟିଲେ ସେ ପୁଣି ଯାଏ ବଳଦକୁ । ସଂଜବେଳେ ହାଲିଆ ହୋଇ ଫେରି ସେ ବଳଦଂକ ପାଇଁ ଦହଣ୍ଡ ପାଣି ବସାଏ, ଗୋରୁ ଖୁଆଏ, ଘରର ଯାବତ ପାଇଟି ପତ୍ର କରେ ।

ସକାଳୁ ସଂଜଯାଏ ଏହି ନିରାନଂଦ ଜୀବନ ଯାତ୍ରା ଭିତରେ ତାର ସୁଖର ମୁହୂର୍ତ୍ତ କେବେ ଆସିଛି କି ନାହିଁ କେହି ଜାଣେ ନାହିଁ । ନକୁଳାର ବାପା ସାହୁ ଘରୁ କରଜ ନେଇଥିବା ଟଂକା ଶୁଝି ନ ପାରି ପୁଅକୁ ପାଂଚବର୍ଷ ପାଇଁ ବିନା ଦରମାରେ ବନ୍ଧା ଦେଇଛି । ଏହି ଦୀର୍ଘ ପାଂଚ ବର୍ଷ କାଳ ମିହ୍‌ନତ କରି ରାଜପୁତ୍ରକୁ ପିତୃଋଣ ଶୁଝିବାକୁ ହବ ।

ରାଜପୁତ୍ରର ଏହି ଉହପଖା ଜୀବନ ଭିତରେ ବେଳେ ବେଳେ ସୁଖର ସ୍ୱପ୍ନ ଜାଗି ଉଠେ । ପ୍ରତିଦିନ ସେଇ ଦୁର୍ଲଭ ମୁହୂର୍ତ୍ତଟି ପାଇଁ ରାଜପୁତ୍ର ଅପେକ୍ଷା କରିଥାଏ ।

ରୋଜ ମୁହଁସଂଜ ବେଳେ ମାଣିକ ଜାଳେଣି କାଠ ଗୋଟେଇ ଘରକୁ ଫେରେ । କାଠ ଗୋଛାକ ଘରେ ଫୋପାଡ଼ି ଦେଇ ସେ ମାଠିଆଟା ଧରି ପାଣି ଆଣିବାକୁ ଯାଏ । ରାଜପୁତ୍ର ବିଲରୁ ହଳ ନେଇ ଠିକ୍ ସେତିକି ବେଳକୁ ଫେରି ଆସେ । ପୋଖରୀ କୂଳରେ ବଳଦଂକୁ ଛାଡ଼ି ଦେଇ ଗୋଡ଼ ହାତ ଧୁଏ । ଭୁଠ ପଥର ଉପରେ ଛିଡ଼ା ହୋଇ ମାଣିକ ମୁରୁକି ହସି କହେ—"ରାଜପୁତୁର ।"

ସେଇ କଥା ପଦକ ଶୁଣିବାପାଇଁ ସଂଜ ହେଲେ ନକୁଳାର ମନ କାମରେ ଲାଗେ ନାହିଁ । ଧର୍ମ ବୁଡ଼ିବା ସଂଗେ ସଂଗେ ଲଂଗଳ କଂଟି ଉପରୁ ତାର ହାତ ମୁଠା ଢିଲା ପଡ଼େ । ମୁହଁସଂଜ ହବା ମାତ୍ରକେ ସେ ହଳ ଫିଟାଇ ବିଲରୁ ଫେରେ ।

ଦିନେ ଦିନେ ସାହୁକାର ଏଡ଼େ ସହଳ ହଳ ଲେଉଟାଇବାକୁ ମନାକରି ନକୁଳାର ଚଉଦପୁରୁଷ ଉଭେଇ ଗାଳି ଦେଲେ ନକୁଳା ନାନା ଅଳି ଦେଖାଇ ସାଆଂତକୁ ବୋଧବାଧ କରେ । କେବେ କହେ "ଡାହାଣ ବଳଦକୁ ବେଂଗୀ ଧରିଛି ।"କେବେ ବା କହେ—"ସାଆଂତାଣୀଂକର ପାନଗୁଆ ନାହିଁ—ସହଳ ଯାଇ ଦୋକାନରୁ କିଣି ଆଣିବାକୁ କହିଚଂତି ।"

ସେଦିନ ସଂଜବୁଡ଼େ ଦୁଷ୍ଟାମି କରି ମାଣିକ ପଚାରିଲା—"ରାଜପୁତ୍ର ! ତୋର ରଜାଝିଅ କାହିଁ ?"

ନକୁଳା ବୋକାଂକ ଭଳି ଜବାବ ଦେଲା, "ମୁଁ ଜାଣେ ନାହିଁ ।" .

ଭୁଠ ପାଣିରେ ଜହ୍ନ ଆଲୁଅ ଚେକି ଚେକି ହୋଇ ଭାସୁଥିଲା । ମାଣିକ ପଚାରିଲା—"ତୁ କେଉଁଠୁ ଗୋଟାଏ ଆଣୁନାହୁଁ । ତୋ ଦହ ମୁଂଡ଼ର ହପାଜତ ନବା ପାଇଁ କିଏ ଅଛୁ ? ସବୁଦିନେ କଣ ବାଡ଼ୁଅ ଥିବୁ ?"

ମାଣିକର ମନ ଜାଣିବା ପାଇଁ ନକଲ କରି ନକୁଳା କହିଲା—"ତୁ ମୋ' ରଜାଝିଅ ହେବୁ ?"

ମାଣିକ ଟିକିଏ ହସିଦେଇ ପାଣିମାଠିଆଟା ଧରି ଦୁଲ୍ ଦୁଲ୍ ହୋଇ ଚାଲିଗଲା । ନକୁଳା ବି ତା ପଛରେ ଅକାରଣରେ ହୋ ହୋ ହୋଇ ହସି ଉଠିଲା ।

Digitized by PPRACHIN, SOA

X X X

ନକୁଳାକୁ ଜର । ତାଉପରେ ଝାଡ଼ା ଫୁଟୁଛି, ସାହୁକାରଙ୍କର ରାଗରେ ସୀମା ନାହିଁ ।

କେତେଦିନ ହେଲା ତାଂକ କାମଦାମ ପଡ଼ିଆ ହୋଇ ପଡ଼ିଚି । ବିଲରେ ଗାର ଦିଆ ହୋଇ ନାହିଁ ।

ନକୁଳାର ଅଷ୍ଟାଂଗ ଶରୀର ବଂଧୁଛି । ହାଡ଼ଗଂଠି ଭିତରେ ଯେପରି ଗୋଟାଏ ବଡ଼ ଚେଂଭୁଳିଆ ବିରି ପ୍ରତି ମୁହୂର୍ତ୍ତରେ ତାର ନାଉଡ଼ି ମାରୁଛି । ନକୁଳା ଏକରକମ ଅଚେତା ହୋଇ ପଡ଼ିଚି । ତା ମୁହଁରେ ଢୋକିଏ ଟୋପେ ଦେବାକୁ କେହି ନାହିଁ । ସାଆଂତେ କହୁଛଂତି—"ଶଳା ବେଲି କରୁଚି ।"

ଆଠଦିନ ହେଲା ମାଣିକ ପୋଖରୀ କୂଳରେ ନକୁଳାକୁ ନ ଦେଖି ଫେରି ଯାଉଚି । ତା ମନରେ ଭାରି ଦୁଃଖ, ତାର ରାଜପୁତ୍ର କାହିଁ ?

କିଛି ଦିନ ପରେ ନକୁଳା ଦେହରେ ବସଂତ ବାହାରିଲା । ପ୍ରଥମେ ଖୁବ୍ ଛୋଟ ଛୋଟ, ତାପରେ ଖୁବ୍ ବଡ଼ ଆକାରରେ ଦେଖାଦେଲା, ସାଆଂତ ସାଆଂତାଣୀ ପ୍ରମାଦ ଗଣିଲେ । ପିଲା ଛୁଆ ଘର, କେତେବେଳେ କେଉଁ କଥା ।

ଜର ଆଉ ବସଂତ କୋପରେ ନକୁଳା ଯେତେବେଳେ ଅଜ୍ଞାନ, ସେତେବେଳେ ଦିନେ ସାଆଂତେ ଆସି କହିଲେ—"ତୁ ତୋ ଘରକୁ ଚାଲିଯା, ଏଠି କିଏ ତୋର ହେପାଜତି ନେବ ? ପିଲା ଛୁଆ ଘର—କେତେବେଳେ କୋଉ କଥା, ବୁଝିଲୁ ? ତା ପରେ ତୁ ପର ପୁଅ—କିଛି ହାନି ଲାଭ ହେଲେ କିଏ ମୁଂଡ଼ାଇବ ?" ନକୁଳ ତାଂକ କଥା ଭଲ ରକମ ସମୁଝି ପାରିଲା ନାହିଁ । ସାଆଂତେ ଆଉ ଥରେ ବଡ଼ ପାଟିରେ ସବୁ କଥା କହିଦେଲେ । ଖାଲି ସେତିକି ନୁହଁ, ସେଦିନ ଦୟା ପରବଶ ହୋଇ ନକୁଳାକୁ ବାଟଖର୍ଚ୍ଚ କରିବାକୁ ଚାରିଟା ପଇସା ମଧ୍ୟ ଦେଲେ । ଦେହ ଭଲ ହୋଇଯିବା ମାତ୍ରକେ ଏଠାକୁ ଚାଲି ଆସିବାକୁ ବାରଂବାର ତାକିଦ କରି ଦେଲେ ।

ନକୁଳାର ଗାଆଁ ସେଠାରୁ ଦୁଇ କୋଶ ବାଟ । ତାର ହଲଚଲ ହେବାକୁ ଜ ନାହିଁ ।

ସଂଜବେଳେ ସାଆଂତ ଆସି ଦେଖିଲେ ଯେ ନକୁଳା ଯାଇନାହିଁ । ସେ ରାଗରେ ହିତଜ୍ଞାନ ହୋଇ ନକୁଳାର ଲୁଗାପଟା ବାଡ଼ି ଖଂଡ଼ିକରେ ପିଂଡ଼ାକୁ ଫିଂଗିଦେଲେ । କାଲି ସକାଳେ ଘର ଛାଡ଼ି ନ ଗଲେ ହାଡ଼ି ଲଗାଇ ବାହାର କରିଦେବେ ବୋଲି ଶେଷ ହୁକୁମ ମଧ୍ୟ ଦେଇଗଲେ ।

ସକାଳ ହେଲା । ନକୁଳା ଘୁଷୁରି ଘୁଷୁରି ଗୁହାଳ ଘରୁ ତାର ଲୁଗାପଟା ବିଖଂଡ଼ି ଆଣି ଦାଂଡ଼କୁ ବାହାରିଲା । ତା ଦିହସାରା ପୂଯେଇ ଯାଇଛି । ମାଛି ଭଣ ଭଣ ହୋଇ ବେଢ଼ୁଛଂତି । ଆଜିକୁ ପଂଦର ଦିନ ହେବ ତା ପେଟରେ ଖୁଦ କଣିକାଏ ବି ପଡ଼ିନାହିଁ । କେବଳ କାଲି ରାତିରେ ସାଆଂତାଣୀ ଯେଉଁ ପଣା ଟୋପାକ ଦେଇଥିଲେ, ସେତିକି ପିଇଚି ମାତ୍ର ।

Digitized by PPRACHIN, SOA

ନକୁଳାର ମୁଂଡ଼ ଝାଇଁ ଝାଇଁ ଡାକୁଚ । ପାଦ ଦୁଇଟା ତାର ଫୁଏ ହୋଇ ଫୁଲି ଆସିଲାଣି । ରାସ୍ତାର ଗୋଡ଼ି ବାଜି ପରସ୍ତକୁପରସ୍ତ ଚେପା ଛୁଡ଼ି ଯାଉଚ ।

ଗାଁ ମୁଂଡ଼ ତୋଟା ପାଖରେ ପହଂଚ ନକୁଳା ଆଉ ପାଦେହେଲେ ଚାଲି ପାରିଲା ନାହିଁ । ଖାଇବାଲ ଗଛ ମୂଳ ଛାଇରେ ବସି ଟିକିଏ ଦମ ମାରି ତା' ପରେ ପଛକେ ବାଟ ଚାଲିବ ।

ଗଛ ମୂଳରେ ଥରେ ବସି ସେ ଆଉ ଉଠି ପାରିଲା ନାହିଁ । ସିଏ ଉପରେ ମୁଂଡ଼ଟାକୁ ରଖି ଲଥ୍ କରି ଭୂଇଁରେ ଶୋଇପଡ଼ିଲା । ତା ଦେହର ବସଂତ ଘା ଗୁଡ଼ିକ ସେତେବେଳକୁ ଖୋଲ ଖୋଲ ହୋଇ ଭିତରକୁ ପଶି ଯାଇଥିଲା । ହାଡ଼ ଭିତର କୋରି ହୋଇ ଯାଇଥିଲା ।

ଆଜକୁ ପଂଦର ଦିନ ହବ ମାଣିକ ତାର ରଜାପୁଅର ଦେଖା ପାଇନାହିଁ । ନଈ ପୋଟଘା କୂଳରେ ବସି ବସି ଫେରି ଯାଉଚ । ତା ଆଖିରେ ନାଚୁଚ ତା'ର ରାଜପୁତ୍ର । ତା'ର ଗୋରା ତକ ତକ ମୁହଁ, ସୁନାର ମୁକୁଟ, ଜରି ପୋଷାକ ପିଂଧା ତା' ସୁଂଦର ଗୋରା ଦେହଟା ! ! ସେ ଦିନ ରାତରେ ମାଣିକ ତାର ରାଜପୁତ୍ରକୁ ସ୍ୱପ୍ନ ଦେଖିଲା । ମାଣିକର ମନେ-ହେଲା, ସେ ଏପରି ହଠାତ୍ ରଜାଝିଅ ପାଲଟି ଯାଇଚ । ତାର ରଜାପୁଅ ଯେ ଉଦ୍ଧାର କରିବାକୁ ଆସି ସିପାହି-ସର୍ଦ୍ଦାର ହାବୁଡ଼ରେ ପଡ଼ିଲା ରଜାଘର ଫଉଜ ଆଁ କରି ତାକୁ ଗିଳି ଦେବାକୁ ଧାଇଁ ଆସିଲା । ମାଣିକର ଚିହିଁକରି ନିଦ ଭାଜିଗଲା ।

ସକାଳ ହେଲା । ମାଣିକ ଜାଳେଣିକାଠ ଗୋଟାଇବାକୁ ତୋଟା ଆଡ଼େ ବାହାରିଲା । କାଠ ଗୋଟାଉ ଗୋଟାଉ ଦେଖିଲା, ଗୋଟାଏ ଜାଗାରେ ପଲ ପଲ ହେଇ କାଉ ବେଢ଼ିଛଂତ । କେମିତ ଗୋଟାଏ ପଚା ଆଇଁଷିଣିଆ ଗଂଧ ଭାସି ଆସୁଚ ।

ମାଣିକ ସେଇ ବୁଦା ମୂଳକୁ ଯାଇ ଦେଖିଲା ଗୋଟାଏ ମଣିଷର ଦେହ । ମଣିଷଟା ବଂଚଚ, ଜୁଳୁଜୁଳୁ କରି ଗୋଟାଏ ଅଖିରେ ଚାହୁଁଚ । ତାର ମୁହଁଟାଯାକ ଘାରେ ପଚ ଯାଇଚ । ଦେହଟା ଫୁଲେଇ ଯାଇ ଭାରି ଦୁର୍ଗଂଧ ହେଉଚ । କାଉ ତାର ଗୋଟାଏ ଆଖି ତାଡ଼ି ଦେଇଚଂତ ଆଉ ଡେଣାର ଗୋଟାଏ ମାଉଁସିଆ ଅଂଶକୁ ଖୁଂପି ଖୁଂପି ଖାଇ ପକାଇଚଂତ ।

ଭୟରେ ମାଣିକ ଥକା ମାରିଗଲା । ସେ ମଣିଷଟାକୁ ଚହ୍ନିବାକୁ ଚେଷ୍ଟା କଲା, ପ୍ରଥମେ ପାରିଲା ନାହିଁ । ତା ପରେ ଦୋ ଦୋ ଚହ୍ନା ହେଲା । ତାପରେ ସେ ଯେତେବେଳେ ଚହ୍ନିଲା ସେ ଆଶ୍ଚର୍ଯ୍ୟ ହୋଇ କଥା କହି ପାରିଲା ନାହିଁ । କିଛିକ୍ଷଣ ପରେ କ୍ଷୀଣ ସ୍ୱରରେ ଉଚ୍ଚାରଣ କଲା 'ରଜାପୁଅ' !

ରାଜପୁତ୍ରର ଅଳ୍ପ ଆଖିଟା ଏହି ସମୟରେ କାଉ ଖୋଳି ପକାଇଲେ । କୌଣସି ଜବାବ ଦେଇ ପାରିଲା ନାହିଁ ।

Digitized by PPRACHIN, SOA

ରିକ୍ସାବାଲା

ଇ. ଆଇ. ଆର୍‌ର ସମୟ-ନିର୍ଘଂଟ ମୁତାବକ ଡେରାଡୁନ ଏକସ୍‌ପ୍ରେସ୍ ଭୋର ସାଢ଼େ ଛଟାରେ ହାଉଡ଼ା ଷ୍ଟେସନରେ ପହଂଚିବା କଥା ଥିଲେ ମଧ୍ୟ ସେ ଦିନ ଗାଡ଼ିଟା ପହଂଚିଲା ପ୍ରାୟ ସତଗ୍ରିଳଶ ମିନିଟ୍ ଡେରିରେ । ସାରା ରାତିଟାଯାକ ଆମେ ତୃତୀୟ ଶ୍ରେଣୀର ଯାତ୍ରୀ କେତେ-ଜଣ ବର୍ଷା ଛିଟାରେ ଅଧେ ଓଦା ହୋଇ ଯାଇଥିଲୁଁ । ଆମର ଏହି ଦୁରବସ୍ଥା ପାଇଁ ପଂଜି-କାରଂକ "ଅଯାତ୍ରା" ଯେତେ ଦାୟୀ ନୁହେଁ, ତେତେ ଦାୟୀ ଆମ ଗ୍ରେଟ ବଖରାଟିର ଭଂଗା ଝରକାଟା । ରାତିଟାଯାକ ଆମର ହାଏବନ୍ଧ ଇଂଜିନିଏରିଂ ବୁଦ୍ଧି ର ପରିଗ୍ରୟଳନାସତ୍ତ୍ୱେ ଆମେ ସେହି ଫଟା ଝରକାଟାକୁ କୌଣସିମତେ ସଜାଡ଼ି ପାରିଲୁ ନାହିଁ । ସକାଳୁ ଓଦା ଗୁଡ଼ୁଗୁଡ଼ୁ ହୋଇ ନିଜ ନିଜର ସୁଟକେଶଖଂଡ଼ିମାନଂକୁ ଧରି ଯେତେବେଳେ ଗାଡ଼ିରୁ ଓହ୍ଲାଇଲୁ, ସେତେବେଳେ ଆମ ଅବସ୍ଥା ଏପରି କରୁଣାତ୍ମକ ହୋଇ ପଡ଼ିଥିଲା ଯେ, ଆମେ ଆମ ଗୃହପଟେ ବୃତ୍ତାକାରରେ ବେଢ଼ିଥିବା ଘୋଡ଼ାଗାଡ଼ି ବାଲାମାନଂକ ବ୍ୟୂହ ଭେଦ କରିବାକୁ ମଧ୍ୟ ସମର୍ଥ ହୋଇ ପାରିଲୁଁ ନାହିଁ । ଅସହାୟ ଅବସ୍ଥାରେ ଖଂଡ଼େ ଫିଟନ ଗାଡ଼ି ସଂଗେ ଦରଦାମ ଛିଂଡ଼ାଉଛୁ, ଠିକ୍ ଏହିପରି ସମୟରେ ମୋ ଆଖିରେ ପଡ଼ିଲା ଯୋଡ଼ାଏ ଅସହାୟ ଓ ସ୍ତିମିତ ଆଖି । ମୁଁ ସେହି ଗମ୍ଭୀର ଆଖି ଦୁଇଟାର ଅଧିକାରୀ ଆଡ଼କୁ ଗୃହିଁବାମାତ୍ରକେ ସେ କଙ୍କାଳ କଂଠରେ ପଗ୍ରୃରି ଉଠିଲା—"ବାବୁ, ରିକ୍ସା ?"

ମୁଁ ତାକୁ କୌଣସି ଠିକ୍ ଜବାବ ଦେବା ଆଗରୁ ସେ ଆସି ମୋ ହାତରୁ ସୁଟକେଶ ଖଂଡ଼ିକ ଛଡ଼ାଇ ନେଇ ତା ରିକ୍ସାରେ ଲଦିଲା । ମୁଁ କେବଳ ଅନନ୍ୟୋପାୟ ହୋଇ ତାକୁ ଅନୁସରଣ କରିବାକୁ ଲାଗିଲି ।

କଲିକତାର ଯାନବହୁଳ ରାସ୍ତାରେ ରିକ୍ସାରେ ଯିବା ଆଦୌ ବିପଦଶୂନ୍ୟ ନୁହେଁ । ତାପରେ ପୁଣି ସେହି ରିକ୍ସାଗାଡ଼ିର ଅବସ୍ଥା, ଆଉ ରିକ୍ସାବାଲାର ଅପ୍ରତିଭ ଭାବଭଂଗୀ ମୋତେ ଜମା ତା ଉପରେ ନିର୍ଭରଶୀଳ କରାଇ ଦେଲାନାହିଁ ।

ଗାଡ଼ିଖଂଡ଼ିକର ଅବସ୍ଥା ଏପରି ଯେ, ତାହା ସାମାନ୍ୟ ଟିକିଏ ଆଘାତରେ ମଧ୍ୟ ଭାଂଗି ପଡ଼ିବ, ରିକ୍ସାବାଲାଟା ମଧ୍ୟ ତଦ୍ରୂପ । ତାର ଅଦଢ଼ ଗ୍ରେଟାଗୋଡ଼ ଦୁଇଟା ତାର କ୍ଷୀଣ ଦେହର ଓଜନ ବୋହିବାକୁ ଅକ୍ଷମ । ତା ଆଖି କଣର ମାଂସପେଶୀ ଅପ୍ରଚୁର ନିଦ୍ରାରେ ଫୁଲି ଉଠିଚି । ସକାଳୁ ମୁହଁ ଧୋଇ ନଥିବା ହେତୁ ମୁହଁରୁ ତାର ଇମିତିକା ଭଣଭଣ ସରାପ ଗଂଧ

Digitized by PPRACHIN, SOA

ବାହାରୁଚ ଯେ, ଖୁବ୍ ବିକାରହୀନ ଲୋକର ମଧ୍ୟ ବମନୋଦ୍ରେକ ହେବା କଥା । ତାର ଅପରିଷ୍କାର ଦାଂତ ଗୁଡ଼ାକ ଏପରି କଦର୍ଯ୍ୟ ଯେ, ତା ସହିତ ଦର ଦସ୍ତୁର କରିବା ପାଇଁ ଯେଉଁ ସଂକ୍ଷିପ୍ତ ଅଥଚ ରୂଢ଼ କଥାବାର୍ତ୍ତା କରିବା ଦରକାର, ତାହା ମଧ୍ୟ କରିବା ପାଇଁ ମୋର ରୁଚି ହେଉ ନଥିଲା ।

ମୁଁ ମୋର ସୁଟ୍‌କେଶ୍ ଖଂଡ଼କ ତା ଗାଡ଼ିରୁ ଉଠାଇ ଆଣି ଅନ୍ୟ ଗାଡ଼ିରେ ରଖିବାକୁ ଯାଉଥିଲି; କିଂତୁ ଦୃଢ଼ଭାବରେ ହାତ କବ୍‌ଜା ରଗଡ଼ି ଦେଇ ମୋତେ ବାଧା ଦେଲା । ତାର ଏବଂବିଧ ଅଭଦ୍ରଉତ୍ପୀଡ଼ନରୁ ଆତ୍ମରକ୍ଷା କରିବା ପାଇଁ ମୁଁ ତାକୁ ଧମକ ଦେବାକୁ ଚେଷ୍ଟା କଲି, କିଂତୁ ସେ ତତୋଧିକ ଜୋରରେ ମୋ ଧମକର ଜବାବ ଦେଲା ଏବଂ କୌଣସିମତେ ମୋତେ ସୁଟକେଶ୍ ଖଂଡ଼କ ଉଠାଇ ନେବାକୁ ଦେଲାନାହିଁ । ତାର ନାଛୋଡ଼ବାଂଦା ଜୁଲୁମର ପ୍ରତିକାର କରିବା ପାଇଁ ମୁଁ ନିକଟସ୍ଥ ପହରାବାଲାର ସାହାଯ୍ୟ ନେଇ ପାରିଥାଂତି; କିଂତୁ କାଲି ରାତିର ଦୁର୍ଯୋଗ, ଆଉ ବଡ଼ ଅଂଧାରର ଧୂଆଁ, ଆଉ କୋଇଲା ମିଶା କଲିକତା ବାୟୁମଂଡ଼ଳର ପ୍ରଭାବ ମୋ ମନଉପରେ କିପରି ଗୋଟାଏ ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

ମୁଁ କିଛି ଗୋଳମାଳ ନକରି ତା ରିକ୍‌ସା ଉପରେ ଯାଇ ବସି ପଡ଼ିଲି, ଆଉ ତାକୁ ଖୁବ୍ ବିରକ୍ତ ହୋଇ ହୁକୁମ ଦେଲି—"ଚଲାଓ !"

ଗଂଗା ଘାଟରପଟେ ଚଟକଲରୁ ଧୂଆଁ ବାହାରି ଆକାଶଟାକୁ ମଇଳା କରି ରଖିଛି । ଅସଂଖ୍ୟ ଜାହାଜର ଉଦ୍‌ଘୋଷିତ ବଂଶୀ ବେଳେ ବେଳେ ଶୁଣା ଯାଉଚି । ହାବୁଡ଼ା ପୋଲ ଉପରେ ମଇଳା କୁର୍ତ୍ତା, ଆଉ ଲୁଂଗି ପରିହିତ ଶହ ଶହ ହିଂଦୁ ଆଉ ମୁସଲମାନ କୁଲି ଖଂଡ଼େ ଖଂଡ଼େ ବଡ଼ ଯାକ ନିଜ ନିଜ କାମରେ ଚାଲିଛଂତି । ମଝିରେ ମଝିରେ ପ୍ରକାଂଡ଼ ବାସ୍‌ଭାରରେ ସମସ୍ତ ପୋଲଟା ଦୁଲୁ ଦୁଲୁ ହୋଇ ଦୋହଲି ଉଠୁଚି । ଧାଡ଼ି ଧାଡ଼ି ଟାକ୍‌ସି, ମୋଟର, ଆଉ ଘୋଡ଼ାଗାଡ଼ି ମଝିରେ ଏହି କ୍ଷୁଦ୍ର ରିକ୍‌ସା ଖଂଡ଼କ ଯେ କେତେବେଳେ ହଜିଗଲା, ତାହା ଆମେ କେହିହେଲେ ଖିଆଲ କରି ପାରିଲୁ ନାହିଁ । ପୋଲଟା ପାରହେବାପରେ ଦେଖାଗଲା, ରିକ୍‌ସାବାଲା କ୍ରମେ କ୍ରମେ ପ୍ରକୃତିସ୍ଥ ହୋଇ ଆସୁଛି । ତାର ନିଶାଖୋର ଭାବ କଟି ଯାଇ ତା ବଦଳରେ ଗୋଟାଏ ସପ୍ରତିଭ ସାମାଜିକ ଭଂଗୀ ଫୁଟି ଉଠିଲା । ସେ ମୋ ସଙ୍ଗେ ଗଳ୍ପ ଜମାଇବାକୁ ଆରଂଭ କଲା ।

ତାର ଗପ କେତେଗୁଡ଼ାଏ ନାଲିଶ ଛଡ଼ା ଅନ୍ୟ କିଛି ନୁହେଁ । ଗୋଟାଏ ତାଜା ଗପ ଶୁଣିବା ଲୋଭରେ ଯେଉଁମାନେ ସେହି ଭାରବାହୀ ଗଳ୍ପ-କଥକଟିର ଶ୍ରୋତା ହେବାକୁ ବାଛିବେ, ସେମାନେ ନିଶ୍ଚୟ ହତାଶ ହେବେ, କିଂତୁ ଶ୍ରୋତା ହେବାର ଇଚ୍ଛାଭିଳାଷ ମୋର ଜମା ନଥିଲା । ମୁଁ କେବଳ ଅନ୍ୟମନସ୍କ ଭାବରେ ତା କଥା ମଝିରେ ହୁଁ ହାଁ କରି ମୋର ଅବଧାନତା ପ୍ରମାଣ କରିବାକୁ ଚେଷ୍ଟା କରୁଥିଲି ।

Digitized by PPRACHIN, SOA

ପ୍ରଥମେ ସେ ଆରମ୍ଭ କଲା—ରିକ୍ସା ଭଡ଼ା କଥା । ଛଅଅଣାରୁ ଟୋଟାଏ ପଇସା ବି ସେ କମ୍ ଭଡ଼ା ନଏ ନାହିଁ । ଏହା କହିବା ଦ୍ୱାରା ସେ ମୋତେ ଇଂଗିତରେ ଜଣାଇ ଦେଲା ଯେ, ମୁଁ ମଧ ତାକୁ ସେହି ଭଡ଼ା ଦେବାକୁ ବାଧ ।

ତା ପରେ ସେ କହିଲା, ଏ ବ୍ୟବସାୟରୁ ପଇସାଟାଏ ବି କୁଆଡ଼େ ଲାଭ ହୁଏ ନାହିଁ । ଦିନକୁ ତାର ଟଂକାକଠାରୁ ଦେଢ଼ଟଂକା ଭିତରେ ହାରାହାରି ରୋଜଗାର ହୁଏ; କିଂତୁ ତାର ମାଲିକ ରିକ୍ସା ବାବଦକୁ ବାରଅଣା ପଇସା ରୋଜ କାଟି ନଅଂତି । ତାର ମଜୁରି ଦିନକୁ ଅଠଅଣା ପଡ଼େ କି ନାହିଁ ସଂଦେହ ।

ଏହାପରେ ସେ ପାରିବାରିକ ଘଟଣା ପ୍ରସଂଗରେ ଯାହା କହିଲା, ତାର ସାରାଂଶ ହେଉଛି ଏଇ—ତାର ପିଲାପିଲି ଅନେକ । ତାର ସେହି ସ୍ୱଳ୍ପ ମଜୁରି ସେମାନଂକ ମୁହଁରେ ଆହାର ଯୋଗାଇବାକୁ ଯଥେଷ୍ଟ ହୁଏନାହିଁ । ସ୍ତ୍ରୀକୁ ତାର କୁଆଡ଼େ ଯକ୍ଷ୍ମା । ହାସପାତାଲରେ ଛାଡ଼ିଦେଲେ ଘରେ ରୋଷାଇ ବାସ କରିବାକୁ ଓ ପିଲାମାନଂକ ଖବର ବୁଝିବାକୁ କେହି ନାହିଁ ବୋଲି ସେ ତାକୁ ଘରେ ରଖିଛି । ତଥାପି ସେ ତାର ଚିକିତ୍ସାରେ ତ୍ରୁଟି କରିନାହିଁ । ଛଅଟଂକା ଦାମର ଗୋଟାଏ ତେଉଁରିଆ କିଣି ଆଣି ତାକୁ ଦେଇଛି । ସ୍ତ୍ରୀର ଜୀବନକୁ ଏ ଦୁନିଆରେ କାହାର ଲୋଭନାହିଁ ?

× × × ×

ଏହିପରି ଭାବରେ ସେ ହରଦମ୍ ଗପି ଚାଲିଥାଏ । ରାସ୍ତାଗୁଡ଼ାକ ବଡ଼ ଖରାପ ହୋଇଥାଏ । ସକାଳୁ ସମସ୍ତ ରାସ୍ତା ଉପରେ ବୋଧହୁଏ ପାଇପ୍ ଫାଟାଇ ଦିଆ ହୋଇଥିଲା— ଏ ପର୍ଯ୍ୟଂତ ପାଣି ଛାଡ଼ିନାହିଁ । ସେ ପିଚ୍ଛିଳ ପିଚ୍ ରାସ୍ତା ଉପରେ ଘୋଡ଼ାଗୁହ ଓ ମନୁଷ୍ୟ ପଦର ଧୂଳି ମିଶି ଏପରି ଚକଟା ହୋଇଛି ଯେ ପଦେ ପଦେ ଗୋଡ଼ ଖସିଯିବାର ଆଶଂକା ରହିଛି । ମୋର ତ ବଡ଼ ଭୟ ହୋଇ ଯାଇଥିଲା ଯେ, କାଳେ ରିକ୍ସା ସୁଦ୍ଧା ଆମେ ସମସ୍ତେ କୌଣସି ଏକ ପ୍ରକାଂଡ଼କାୟ ବାସ୍ ତଳେ ମିଳେଇ ଯିବୁଁ ।

କିଛୁକ୍ଷଣ ପରେ ଦେଖାଗଲା ଷ୍ଟ୍ରାଂଡ଼ରୋଡ ପାଖରେ ଯେଉଁଠି ବଡ଼ବଜାର ଟ୍ରାମ-ଲାଇନ ବଂକେଇ ହୋଇ ଚାଲି ଯାଇଛି, ସେଇଆଡ଼ୁ ଜଣେ ଆଂଗ୍ଲୋଇଂଡ଼ିଆନ୍ ଆରୋହୀ ଧରି ଗୋଟାଏ ଟାକ୍ସି ଖୁବ୍ ଜୋରରେ ଛୁଟି ଆସିଲା । ରାସ୍ତାର ପାଣି ଗୁଡ଼ାକୁ ତାହା ଏତେ ଜୋରରେ ଚବକାଇ ଦେଇଗଲା ଯେ, ମୋର ଲୁଗାପଟା ମଧ ତହିଁରୁ ନିସ୍ତାର ପାଇଲା ନାଇ । ବୁଂଦାଏ ପାଣି ଛୁଟିକି ଆସି ବୋଧହୁଏ ରହିମ୍‌ର (ରିକ୍ସା ବାଲାର ନାମବୋଲି ଇଆ ଭିତରେ ସତ୍ରହି କରି ସାରିଥିଲି) ଆଖିରେ ପଡ଼ି ତାକୁ କିଛୁକ୍ଷଣ ପର୍ଯ୍ୟଂତ ଅଂଧ କରି ଦେଇ-ଗଲା । ସେ ଗୋଟାଏ ହାତରେ ଗାଡ଼ିର ବେଗ ସଭାଳି ଅନ୍ୟହାତରେ ଆଖି ପୋଛିବାକୁ ଯାଉଥିଲା, କିଂତୁ ସେ ବେଗର କ୍ଷିପ୍ରତା ତାକୁ ଏତେଦୂର ଟଳମଳ କରିଦେଲା ଯେ, ସମଗ୍ର ରିକ୍ସାଟା ଟ୍ରାମ ଲାଇନରେ ଠୋକର ଖାଇ ଦୋହଲିଗଲା । ରହିମ୍ ଗାଡ଼ି ଓ ତାର ଆରୋହୀକୁ

Digitized by PPRACHIN, SOA

ଯଥା ସମ୍ଭବ ରକ୍ଷା କରିବାକୁ ଚେଷ୍ଟାକଲା, କିନ୍ତୁ ଫଳ କିଛି ହେଲାନାହିଁ । ସେ ଫୁଟପାଥ ଉପରେ ଯାଇଁ ଗ୍ରଷ୍ଟିହୋଇ ଦୃମ୍‌କିନା ପଡ଼ିଲା । ଭାଗ୍ୟକୁ ରିକ୍‌ସା ଓ ମୁଁ କୌଣସିପ୍ରକାରେ ବର୍ତ୍ତିଗଲୁଁ ।

ରହିମ୍‌କୁ ପଡ଼ିଥିବାର ଦେଖି ରାସ୍ତାଯାକର ଲୋକେ ଖେଁ ଖେଁ ହୋଇ ହସି ଉଠିଲେ । କେହି କେହି ଦୋକାନଦାର ସେମାନଙ୍କ ଦୋକାନ ଉପରୁ ଉଠିଆସି ମୁରବିଙ୍କ ଭଳିଆ ମୋତେ ତାଙ୍କୁ ଭଡ଼ା ନ ଦେଇ ଅନ୍ୟ ଗାଡ଼ି କରିବାଲାଗି ମଧ୍ୟ ଅଯାଚିତ ଭାବରେ ଉପଦେଶ ଦେଇଗଲେ । ରହିମ୍ ବିଚାରା ସିମିଣ୍ଟ ଫୁଟପାଥରେ କାଦୁଅ ଲଟପଟ ହୋଇ ପଡ଼ିଥାଏ । ତା'ର ପାଟିରୁ କଳେ ଛେପ ବାହାରି ପଡ଼ୁଥିଲା, ଜିଭଟା ବୋଧହୁଏ ତାର ଜୋରରେ କାମୁଡ଼ି ହୋଇ ଯାଇଥିଲା ନା କଣ । କାହିଁକି ନା ସେ ଛେପ ପକାଇଲା ବେଳେ ମୁଁ ରକ୍ତ ଦେଖି ପାରିଥିଲି । ରାସ୍ତା ପାଖରେ ଜଣେ ସିପାହି ବୁଲାବୁଲି କରୁଥିଲେ । ସେ ଦଉଡ଼ିଆସି ରିକ୍‌ସା ଗାଡ଼ିର ନମ୍ବର ଲେଖିନେଲେ ଓ ରହିମ୍‌କୁ ଥାନାରେ ଚାଲାନ ଦେବାଲାଗି ତଡ଼ବଡ଼ କଲେ । ରହିମ୍ ବିଚାରା ଏତେ ହତବୁଦ୍ଧି ହୋଇ ଯାଇଥିଲା ଯେ, ସେ ତାର କ୍ଷତର ଜ୍ୱାଳା ପାସୋରି ପକାଇଲା । ସେ ସିପାହିର ଗୋଡ଼ ହାତଧରି ତାକୁ ଅଣ୍ଟା ଖୋସା ଦେଇ ତେବେ ଯାଇ ତା କବଳରୁ ନିସ୍ତାର ପାଇଲା । ତା ପରେ ପୁଣି ସେ ଗାଡ଼ି ଟାଣିବାକୁ ଆସିଲା । ମୋର କିନ୍ତୁ ଆଉ ତା ଗାଡ଼ିରେ ଯିବାକୁ ଜମା ସାହସ ହେଉ ନଥିଲା । ତା ପରେ ରାସ୍ତା ମଝିରେ ଇମିତି ହାସ୍ୟାସ୍ପଦ ହୋଇ ମୋ' ମନ ଏତେଦୂର ବିଗିଡ଼ି ଯାଇଥିଲା ଯେ, ମୁଁ ସବୁ ଦୋଷ ତାରି ଉପରେ ଲଦିଦେଇ ତାକୁ ଖାଲି ମନଇଚ୍ଛା ଗାଳି ଦେବାକୁ ଲାଗିଲି । ଏଥର କିନ୍ତୁ ସେ ପାଟି ଫିଟାଇ ଉଚ୍ଚାଟ କଲାନାହିଁ । ଅପରାଧୀଙ୍କ ପରି ସବୁ ଚୁପ୍ ହୋଇ ସହି ନେଲା । ତା ପରେ ମୋତେ ବାରମ୍ବାର ଆଶ୍ୱାସନା ଦେବାକୁ ଲାଗିଲା ଯେ, ଆଉ ଏପରି ଦୁର୍ଘଟଣା ରାସ୍ତାରେ କଦାପି ଘଟିବନାହିଁ । ଏଥରକ ତାର କସୁର ହୋଇ ଯାଇଛି । ଇମିତିକା ଘଟଣା ତା ଜୀବନରେ ଏହି ଥରକ ଛଡ଼ା ଆଉ କେବେ ଘଟି ନଥିଲା, କି ଆଉ ଏଣିକି ଘଟିବ ନାହିଁ ବୋଲି ମଧ୍ୟ ସେ ପ୍ରକାଶ କଲା ।

ମୁଁ କିନ୍ତୁ ନଛୋଡ଼ବନ୍ଦା । ମଣିଷର ଜୀବନଟାକୁ ତ ପୁଣି ଆଗେ 'ହାତର ପାଞ୍ଚ' ରଖିବାକୁ ହେବ । ରହିମ୍ ଆସି ମୋତେ ବାରମ୍ବାର ସଲାମ କରିବାକୁ ଲାଗିଲା । ତା ଭାବଭଙ୍ଗୀରୁ ଏଇଆ ପ୍ରକାଶ ପାଇଲା ଯେ, ସେ ତାର ଆଜିର ପ୍ରଥମ ଆରୋହୀକୁ ହାତଛଡ଼ା କରିବାକୁ ଚାହେଁନାହିଁ ।

ତା କାକୁତି ମିନତିରେ ଭୁଲିଯାଇ ମୁଁ ପୁଣି ତା ଗାଡ଼ିରେ ଯିବାପାଇଁ ସମ୍ମତ ହେଲି । ତାକୁ ଏଥର ଆହୁରି ହୁସିଆରି ହୋଇ ଗାଡ଼ି ଟାଣିବାକୁ ହୁକୁମ ଦେଇ ମୁଁ ଖଣ୍ଡେ ସିଗାରେଟ ଲଗାଇ ଗାଡ଼ିରେ ଉଠି ପଡ଼ିଲି ।

କିଛିଦୂର ଯାଇ ରହିମ୍ କହିଲା, ଦୁଇବର୍ଷ ତଳେ ଆହୁରି ଥରେ ଇମିତିକା ଘଟଣା ଘଟିଥିଲା । ସେଥର ବଡ଼ ବଜାର ମୋଡ଼ରେ ସେ ଖୁବ୍ ଜୋରରେ ଗାଡ଼ିଟାକୁ ବଙ୍କେଇବାକୁ

Digitized by PPRACHIN, SOA

ଗଲାବେଳେ ଗାଡ଼ିର ଅଖଟା ଦୁଇଖଣ୍ଡ ହୋଇ ଛିଡ଼ି ପଡ଼ିଥିଲା । ତାର ମାଲିକ ଗାଡ଼ିର ଦାମ ବାବଦକୁ ତା ଉପରେ ଶହେ ଟଙ୍କାରେ ନାଲିଶ କଲେ । ଗାଡ଼ିର ଅଗ୍ରୀମ୍ ତାକୁ ଯୋଗା ଖୋଲି ବାଡ଼େଇଲେ । ସେ ନାଲିଶ ଦାଉରୁ ରକ୍ଷା ପାଇବା ପାଇଁ ତା' ସ୍ତ୍ରୀର ଗହଣା ବିକି ମାଲିକଙ୍କୁ କିଛି ଟଙ୍କା ଦେଇ ବାକି ଟଙ୍କା ପ୍ରତିମାସରେ ଅଳ୍ପେ ଅଳ୍ପେ ଦେବ ବୋଲି ଟିପ ଚିହ୍ନଦେଇ ଖଣ୍ଡେ କାଗଜ କରିଦେଲା । ଆଜିପର୍ଯ୍ୟନ୍ତ ବି ସେ ତାର ପୂର୍ବ ରିକ୍ସାର ଦେଣାରୁ ପୂରା ଅବ୍ୟାହତି ପାଇନାହିଁ । ତାପରେ ସେ ମାନିଲା ଯେ, କାଲି ରାତିରେ ସେ କିଛି ଖାଇ ନ ଥିବା ହେତୁ ଆଜି ଏପରି ହେଲା ! କାଲି ରାତିରେ ସେ ଯାହା ମଜୁରି ପାଇଥିଲା, ସବୁ ସରାପ ପିଇ ଉଡ଼ାଇ ଦେଇଛି । ହାତରେ ଗୋଟିଏ ବଳକା ପଇସା ନଥିବାରୁ ସେ ସ୍ତ୍ରୀଠୁ ଗାଳି ଖାଇବା ଭୟରେ ଘରକୁ ଯାଇନାହିଁ, କି ଭାତ ଖାଇନାହିଁ, ଉପାସ ଭୋକରେ ଷ୍ଟେସନରେ ପଡ଼ି ରହିଛି । ମୋଟ ଉପରେ ସେ ପ୍ରମାଣ କରିବାକୁ ଚାହୁଁଥିଲା ଯେ, ସେ ଜଣେ ପକ୍କା ରିକ୍ସାବାଲା । ଏହିସବୁ ଆନୁଷଙ୍ଗିକ ଦୁର୍ଯୋଗର ଦୋହାଇ ଦେଇ ସେ ନିଜ ତ୍ରୁଟି ଲୁଚାଇବାକୁ ଚେଷ୍ଟା କରୁଥିଲା ।

ତା କଥା ଶୁଣି ମୋତେ କିଛୁ ଭାରି ହସ ମାଡ଼ିଲା । ଯେଉଁ ଲୋକ ଦଶ ମିନିଟ୍ ଆଗରୁ କହୁଥିଲା ଯେ, ତା ଜୀବନରେ ଏପରି ଦୁର୍ଘଟଣା ଏହି ପ୍ରଥମ ଥର ପାଇଁ ଘଟିଲା, ତା ମୁହଁରୁ ପୁଣି ଇମିତିକା ସ୍ୱୀକାରୋକ୍ତି ଶୁଣି ତାର ଧୃଷ୍ଟତା ମୋ ଆଖିରେ ଖୁବ୍ ବଡ଼ହୋଇ ଦେଖାଦେଲା । ମୁଁ ତାକୁ ଧମକ ଦେଇ ଆହୁରି ଜୋରରେ ଗାଡ଼ି ଟାଣିବାକୁ ହୁକୁମ ଦେଲି । ମୋ ରାଗ ଦେଖି ସେ କେବଳ ବୋକାଙ୍କ ଭଳିଆ ହେଁ ହେଁ ହୋଇ ହସିବାକୁ ଲାଗିଲା ।

ପ୍ରକୃତରେ ଏଥରକ ମୋତେ ଖୁସି କରିବା ପାଇଁ ସେ ଖୁବ୍ ଜୋରରେ ଦଉଡ଼ିଲା-ବେଳେ ତା ପିଠିର ହାଡ଼ଗୁଡ଼ାକ ଅଦ୍ଭୁତ ଧରଣରେ ଉଠୁଥିଲେ ପଡ଼ୁଥିଲେ ।

ଅଳ୍ପ ଦୂର ନ ଯାଉଣୁ ସେ ନିଜର ଅସ୍ଥିର ପଦକୁ ସମ୍ଭାଳି ନପାରି ଗୋଟାଏ ମଇଁଷି ଗାଡ଼ିରେ ଧକ୍କା ଲଗାଇଲା । ଫଳରେ ଏଇଆ ହେଲା ଯେ, ଗାଡ଼ିବାଲା ତାର ଘଣ୍ଟି ଛଡ଼ାଇ ନେଲା । ମୋର ଏତେ ରାଗ ହୋଇଥିଲା ଯେ, ମୁଁ ତାକୁ ପୁଲିସରେ ଦେବାକୁ ବାହାରିଥିଲି । ରହିମ୍ ଏଥର ସବୁ ଦୋଷ ମଇଁଷି ଗାଡ଼ି ଉପରେ ଲଦିଦେଇ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଲାଗିଲା । କୌଣସିମତେ ସେ ମାନିଲା ନାହିଁ ଯେ, ତା ନିଜ ଦୋଷରୁ ଧକ୍କା ଲାଗିଛି । ଲୋକଟାର ନିର୍ଲଜ୍ଜ ମିଛକଥା ଶୁଣି ମୋର ହାଡ଼ ଆହୁରି ଜଳି ଉଠିଲା ।

ଏହିସମୟରେ ପଛରୁ ଆହୁରି ଖଣ୍ଡେ ଖାଲି ରିକ୍ସା ଆସି ପହଞ୍ଚିଲା । ଏ ଗାଡ଼ିର ଚାଳକ କିଛୁ ରହିମ୍‌ର ଦୋସ୍ତ । ସେ ରହିମ୍‌ର ଅବସ୍ଥା ଦେଖି ହୋ, ହୋ, ହୋଇ ହସି ଉଠି କହିଲା—"ଶଳା ବେଇମାନ, ଠିକ୍ ହୋଇଛି ।" ତାପରେ ମୋତେ ଏମିତି ବିପଦରେ ପକାଇଥିବା ହେତୁ ସେ ରହିମ୍‌କୁ ବେଇଜ୍ଜତ କରି ଗାଳି ଦେଇ ମୋର ସହାନୁଭୂତି ଆକର୍ଷଣ କରିବାକୁ ଚେଷ୍ଟା କଲା ! ମୁଁ ରହିମ୍ ଉପରେ ଏତେ ଖପା ହୋଇ ଯାଇଥିଲି

Digitized by PPRACHIN, SOA

ଯେ, ମୋର ବାହ୍ୟଜ୍ଞାନ ମଧ୍ୟ ଲୋପ ପାଇଥିଲା । ମୁଁ ତତ୍‌କ୍ଷଣାତ୍ ତା ରିକ୍‌ସାରୁ ମୋର କାଗଜପତ୍ର ଉଠାଇ ଆଣି ଅନ୍ୟ ଗାଡ଼ିରେ ଲଦିବା ପାଇଁ ବିନୁକୁ ଆଦେଶ ଦେଲି । ବିନୁ ମୋ ପାଟିରୁ କଥା ନ ସରଣୁ ଦଉଡ଼ିଯାଇ ରହିମ୍ ଗାଡ଼ିରୁ ମୋ କାଗଜପତ୍ର ଉଠାଇ ଆଣିଲା । ରହିମ୍ ପ୍ରଥମେ ବାଧା ଦେଲା । କିନ୍ତୁ ବିନୁର ଗୋଟାଏ ଘୁଷିରେ ଥଣ୍ଡା ହୋଇ ସେ ବାଟ ଛାଡ଼ିଦେଲା । ବିନୁ ମୋତେ ରିକ୍‌ସାରେ ବସାଇ ଗାଡ଼ି ଟାଣିବାକୁ ଯାଉଛି, ଠିକ୍ ଏହି ସମୟରେ ରହିମ୍ ପୁଣି ଆସି ତା'ର ହାକିମକୁ ନେଇଯାଉଥିବା ଅପରାଧରେ ବିନୁକୁ ପଛରୁ ଆକ୍ରମଣ କଲା । ଅକଥ୍ୟ ଭାଷାରେ ଦୁହେଁ ଦୁହିଁଙ୍କ ଗାଳିଦେବାକୁ ଲାଗିଲେ । ବିନୁର ଦୁଇ ଚାରିଟା ବିଧା ରହିମ୍ ପକ୍ଷରେ ଯଥେଷ୍ଟ ହେଲା । ସେ ବିନୁକୁ ଛାଡ଼ି ମୋତେ ଆକ୍ରମଣ କରିବାକୁ ବାହାରିଲା । ତାର ଏ ପର୍ଯ୍ୟନ୍ତ ଯାହା ପାଉଣା ହୋଇଛି ସବୁ ଚୁକାଇ ନଦେଲେ ସେ ମୋ ସାମାନ ଜବତ କରିବ ବୋଲି ମଧ୍ୟ ଧମକାଇଲା । ତାର କୁତ୍ସିତ ବ୍ୟବହାରରେ ରାଗି ଉଠି ତାକୁ କିଛି ଭଡ଼ା ଫଡ଼ା ଦିଆହେବ ନାହିଁ ବୋଲି କହି ମୁଁ ବିନୁକୁ ରିକ୍‌ସା ଛାଡ଼ିବାକୁ ଇଙ୍ଗିତ କଲି । ବିନୁ ମଧ୍ୟ ତାର ଜୁଲୁମ ଏଡ଼ାଇବା ପାଇଁ ତାକୁ ମାରି ମାରି ନେଇ ଗୋଟାଏ ବଡ଼ ଖୁଣ୍ଟରେ ତା ମୁଣ୍ଡ ବାଡ଼େଇ ଦେଲା । ରହିମ୍ ଏଥର ଆଉ ଗୋଳ-ମାଳ କରିବାକୁ ସାହସ କଲାନାହିଁ । ଚୁପ୍‌କରି ଯାଇ ନିଜ ରିକ୍‌ସା ଉପରେ ବସି ମୋତେ ଆଉ ବିନୁକୁ ପଛରୁ ଗାଳି ଦେବାକୁ ଲାଗିଲା ।

ରହିମ୍‌କୁ ଜବତ କରି ନିଜର ବିଜୟ ଗୌରବରେ ସ୍ଫୀତ ହୋଇ ବିନୁ ଆସି ମୋତେ ସଲାମ୍ କରି ଛିଡ଼ା ହେଲା । ତା ଭାବ ଭଙ୍ଗୀରୁ ପ୍ରକାଶ ପାଇଲା ଯେ, ସେ ଯେପରି ତାର ଏହି ବୀରତ୍ୱ ପାଇଁ ମୋଠାରୁ କିଛି ଅଧିକା ବକ୍‌ସିସ୍ ମାଗୁଥିଲା । ମୁଁ ତାକୁ ବସାଠାରେ ଦିଆଯିବ ବୋଲି କହିବାରୁ ସେ ଆଶ୍ୱସ୍ତ ହୋଇ ରିକ୍‌ସା ଟାଣିଲା ।

ବସାରେ ପହଞ୍ଚି ବନ୍ଧୁ ବାନ୍ଧବମାନଙ୍କର ତୁମୁଳ ଅଭ୍ୟର୍ଥନାରେ ମୁଁ ରହିମ୍ କଥା ପାସୋରି ପକାଇଲି ।

ମୁଁ ବନାରସରୁ ସେହିଦିନ ଡେରାଡୁନ୍ ଏକ୍‌ସ୍‌ପ୍ରେସରେ ଫେରୁଛି ବୋଲି ସେମାନଙ୍କୁ ଆଗରୁ ତାର କରିଥିଲି । ସେମାନେ ସମସ୍ତେ ଉଦ୍‌ଗ୍ରୀବ ଅପେକ୍ଷାରେ ପ୍ରୋଷିତ ଭର୍ତ୍ତୃକାପରି ମୋର ଆଗମନ ପଥ ଚାହିଁ ବସିଥିଲେ । ମୁଁ ପହଞ୍ଚିବାମାତ୍ରକେ ସେମାନେ ଏପରି ସମସ୍ୱରରେ ମୋର ଜୟଧ୍ୱନି କରି ଉଠିଲେ ଯେ, ମୋର ମନେ ହେଲା ଭାରତବର୍ଷର ଖୋଦ ଭାଇସରୟ ମଧ୍ୟ ବମ୍ବେର ଗେଟ ଅବ୍ ଇଣ୍ଡିଆ ତୋରଣ ନିକଟରେ ପହଞ୍ଚି ଏପରି ଅଭ୍ୟର୍ଥନା ପାଉଥିବେ କି ନାହିଁ, ସନ୍ଦେହ । ଖାଲି ସେତିକି ନୁହେଁ, ସେମାନେ ମୋ ପାଇଁ ଦେଢ଼ଟଙ୍କା ଦାମରେ ମେଟ୍ରୋହାଉସର ଫର୍ଷ୍ଟ ବାଲ୍‌କୋନି ଟିକେଟ ମଧ୍ୟ ଆଗରୁ କିଣି ରଖିଥିଲେ । "ଲଭ ଇନ୍ ଦି ରେନ୍" ବହିରେ ଜୋନ କ୍ରାଫୋର୍ଡର ଗୁରୁତ୍ୱପୂର୍ଣ୍ଣ ଅଭିନୟ ଦେଖିବା ପାଇଁ ସେଦିନ ଆମର ସଞ୍ଜବେଳର କର୍ମତାଲିକା ମଧ୍ୟ ସଙ୍ଗେ ସଙ୍ଗେ ତିଆରି ହୋଇଗଲା ।

Digitized by PPRACHIN, SOA

ନଅଟା ଶୋ'ରେ ସିନେମା ଦେଖିସାରି ଆମେ ସମସ୍ତେ ବସାକୁ ଫେରୁଥିଲୁଁ । ଗୋଲ୍‌ଡ୍‌ ଫ୍ଲେକର ଧୂମ କୁଣ୍ଡଳୀ, ଆଉ ଏସପ୍ଲାନେଡ଼ର ଚାକଚକ୍ୟପୂର୍ଣ୍ଣ ସମାରୋହ ଭିତରେ ଆମେ ସବୁ ଭୁଲି ଯାଇଥିଲୁ, ଆମ ଦୈନନ୍ଦିନ ଜୀବନର କ୍ଷତଜ୍ୱାଳା । ଆମର ମନେ ହେଉଥିଲା, ସଂଜବେଳର ଏସପ୍ଲାନେଡ୍‌ ଯେପରି ମଣିଷ ପାଇଁ ନୁହେଁ, କି ମଣିଷ ହାତରେ ତିଆରି ନୁହେଁ ।

ଧରମତାଲା ଡେଇଁ ବହୁବଜାରର ଗୋଟିଏ ଅପରିସର ଗଳି ଭିତରେ ଆମେ ବସାକୁ ଲେଉଟୁଥିଲୁଁ । ବସା ଆଉ ଦୂର ଅଛି, ହଠାତ୍‌ ଦେଖିଲି, ଗୋଟିଏ ଚାରିତାଲା କୋଠାର ଫାଟକ ପାଖରେ ରିକ୍‌ସା ଖଣ୍ଡିକ ଧରି ରହିମ୍‌ ଖୁବ୍‌ ପାଟି କରି 'ବାବୁ' 'ବାବୁ' ବୋଲି ଡାକ ଛାଡୁଛି । ତା କରୁଣ କ୍ରନ୍ଦନରେ ସାରା ଗଳିଟା ଫାଟି ପଡ଼ୁଛି ।

ଏତେ ରାତିରେ ଜଣେ ଲୋକର ଏହି କରୁଣ ଆର୍ତ୍ତନାଦ ଆମ ସମସ୍ତଙ୍କ ବିଚଳିତ କରି ପକାଇଲା । ଆମେ ସମସ୍ତେ ଯାଇ ତା ଚାରିପଟେ ଘେରି ଛିଡ଼ାହେଲୁଁ । ମୁଁ ରହିମ୍‌କୁ ଚିହ୍ନି ପାରିଲେ ମଧ୍ୟ ଆଶ୍ଚର୍ଯ୍ୟର ବିଷୟ, ରହିମ୍‌ ମୋତେ ଏକାବେଳକେ ଚିହ୍ନି ପାରିଲା ନାହିଁ । ସକାଳ ବେଳାର ତାର ସେହି କ୍ଷୁଦ୍ର ଆବେଗଟିର ସ୍ମୃତି ତା ଜୀବନର ତୀବ୍ର ବ୍ୟସ୍ତତା ଭିତରେ କୁଆଡ଼େ ବିଲ୍‌କୁଲ୍‌ ମିଳାଇ ଯାଇଥିଲା । ଆମ ସମସ୍ତଙ୍କ ଆଗରେ ସେ ତାର ଦୁଃଖ ଜଣାଇଲା ।

ତାର ଲମ୍ବା ନାଲିସ୍‌ ଫର୍ଦ୍ଦ ଭିତରୁ ଯେଉଁ ଘଟଣା ଆମେ ସଂଗ୍ରହ କଲୁ ତାର ସାରାଂଶ ହେଉଛି ଏଇଆ ଯେ ସେ ଦିନ ରହିମ୍‌ ଖଟି ଖଟି ବାରଅଣା ପଇସା ରୋଜଗାର କରି ଫଜରୁଡ଼େ ଘରକୁ ଫେରୁଥିଲା । କାଲିଠାରୁ ସେ ଘରକୁ ଯାଇ ନଥିଲା । ତା ପିଲା କବିଲା ସବୁ ଭୋକରେ ଆଉଟ ପାଉଟ ହେଉଥିବେ । ଏଇ ଭାବନାରେ ସେ ଅସ୍ଥିର ହୋଇ ଖୁବ୍‌ ସହଳ ବସାକୁ ଲେଉଟୁଥିଲା । ଏହିପରି ସମୟରେ ଜଣେ ବାବୁ ତାକୁ ଚାରିଅଣା ପଇସା ଭଡ଼ା ଦେବେ ବୋଲି କହି ଗାଡ଼ିରେ ବସିଲେ । ଏଇ ଚାରିତାଲା ଘର ପାଖରେ ପହଞ୍ଚି ସେ ତାକୁ କହିଲେ ଯେ ଭଡ଼ା ଦେବାପାଇଁ ତାଙ୍କ ପାଖରେ ଖୁଚୁରା ପଇସା କି ରେଜକି କିଛି ନାହିଁ । ସେ ରହିମ୍‌କୁ ଏକ ଟଙ୍କା ଚାକର ହାତରେ ପଠାଇ ଦେବେ ବୋଲି କହି ତାହାଠାରୁ ବାର ଅଣା ପଇସା ନେଇ ଗଲେ । ରହିମ୍‌ ଏଡ଼େ ବଡ଼ ଘରର ବାବୁଙ୍କୁ ଅବିଶ୍ୱାସ କରି-ପାରିଲା ନାହିଁ । ସେ ତାର ସାରା ଦିନର ସମସ୍ତ ରୋଜଗାର ବାରଅଣା ପଇସା ତାଙ୍କ ହାତକୁ ବଢ଼ାଇଦେଲା ।

ବାବୁ ସେ ବାରଅଣା ପଇସା ନେଇ ଘର ଭିତରକୁ ପଶିଗଲେ ଓ ଶୀଘ୍ର ଟଙ୍କା ଚାକର ହାତରେ ପଠାଇ ଦେବେ ବୋଲି କହିଗଲେ । ମାତ୍ର ରହିମ ଦିନ ଘଣ୍ଟା ହେଲା କାକରରେ ଛିଡ଼ାହୋଇ ଯେତେ ଡକା ପକାଇଲେ ମଧ୍ୟ କେହି ଶୁଣୁନାହାନ୍ତି । ବାବୁ ବା ଚାକର କାହାରି ହେଲେ ଦେଖାନାହିଁ ।

ରହିମ୍‌ପ୍ରତି ଆମ ସମସ୍ତଙ୍କର ସହାନୁଭୂତି ଆକୃଷ୍ଟ ହେଲା । ଆମେ ସମସ୍ତେ ତାକୁ ଯେ ଠକାଇ ଦେଇଛି ତାକୁ ଶାସ୍ତି ଦେବାପାଇଁ ଦୃଢପ୍ରତିଜ୍ଞ ହେଲୁଁ । ଆମେ ସମସ୍ତେ

Digitized by PPRACHIN, SOA

ମିଳି ଘରର ଫାଟକରେ ଧକ୍‌କା ମାରିଲୁ । ବହୁତ ଡକାଡ଼କି ପରେ ଦରୁଆନ୍ ଆସି କବାଟ ଫିଟାଇ ଦେଲା । ବାବୁଙ୍କୁ ଡାକ ଦେବା ପାଇଁ କହିବାରୁ ଦରବାନ୍ ଜଣାଇଲା ଯେ, ବାବୁ ଶୋଇଲେଣି; ଆଜି ରାତିରେ ସେ ଆଉ ଉଠିବେ ନାହିଁ । ଆମେ ରହିମ୍‌ର ପଇସା ଦାବୀ କରିବାରୁ ସେ ପୁନର୍ବାର ଜଣାଇଲା ଯେ ବାବୁ ଫାବୁ କେହି ରିକ୍‌ସାରେ ଆସିନାହାଁନ୍ତି ।

ଆମେ ସମସ୍ତେ ଫେରିଆସି ରହିମ୍ କଥାରେ ସତ୍ୟତା ପରୀକ୍ଷା କରିବା ଲାଗି ତାକୁ ନାନା ରକମ ଜେରା କରିବାକୁ ଲାଗିଲୁଁ । ମାତ୍ର ରହିମ୍‌ର କାଂଦ କାଂଦ ଆଖି ଆଉ ତାର କରୁଣ ସ୍ୱର ତା କଥାର ଦୃଢ଼ତା ସପକ୍ଷରେ ଯଥେଷ୍ଟ ସାକ୍ଷ୍ୟ ପ୍ରଦାନ କଲା । ଆମେ ସମସ୍ତେ ରହିମ୍‌କୁ ସାହାଯ୍ୟ କରିବୁ ବୋଲି ଆଶ୍ୱାସନା ଦେଲୁଁ ଓ ନିକଟସ୍ଥ ଥାନାରେ ଖବର ଦେଲୁଁ ।

ମାତ୍ର ପୁଲିସ ଇନ୍‌ସ୍ପେକ୍‌ଟର ସେ ଘରର ନଂବର ଶୁଣି ରହିମ୍‌କୁ ଦୂର ଦୂର ମାର ମାର କରି ଘଉଡ଼ିବାକୁ ଆରଂଭ କଲେ । ସେ କହିଲେ ଯେ ରହିମ୍‌ଟା ମିଛୁଆ, ସରାପ ଖାଏ, ଆଉ ସେ ଘରର ବାବୁ ଖୁବ୍ ବଡ଼ ଜମିଦାର । ତାଂକର ଦୁଇଖଂଡ଼ ବୁଇକ୍ ଗାଡ଼ି ଅଛି ।

ରହିମ୍ ଯେତେ କାଂଦିଲା, ଯେତେ ଶପଥ କଲା ସବୁ ପାଣି ଫାଟିଗଲା । ଆମେ ସମସ୍ତେ ଥାନା ବାବୁଙ୍କୁ ମନେ ମନେ ଅଭିଶାପ ଦେଇ ଦେଇ ଲେଉଟି ଆସିଲୁ । ରହିମ୍ କହିଲା, ମୋର ଭଡ଼ା ନ ଦେଲେ ନାହିଁ ପଛକେ ମୋର ବାର ଅଣା ପଇସା ହେଲେ ଲେଉଟାଇ ଦିଅଂତେ ! ! ସେ ଭେଁ ଭେଁ ହୋଇ କାଂଦି ଉଠିଲା । ମୋର ସଂଗୀମାନେ ସେହି ଭଦ୍ରଲୋକଂକ ଉଦ୍ଦେଶ୍ୟରେ ସମସ୍ୱରରେ କହି ଉଠିଲେ "ଠକ ଧପ୍‌ପାବାଜ !"

ମୁଁ ଟିକିଏ ପଛୁଇଯାଇ ନିଃଶବ୍ଦରେ ପକେଟରୁ ଗୋଟାଏ ଟଂକା କାଢ଼ି ରହିମ୍ ହାତରେ ଗୁଂଜିଦେଲି ।

ରହିମ୍ କିଛି ବୁଝି ନପାରି ଜିଜ୍ଞାସୁ ଦୃଷ୍ଟିରେ ମୋ ଆଡ଼କୁ ଅନାଇଲା । ମୁଁ କଥାଟାକୁ ସରଳ କରିଦେବା ଅଭିପ୍ରାୟରେ ତାକୁ କହିଲି—"ମୁଁ ସକାଳେ ତମ ଗାଡ଼ିରେ ଆସିଥିଲି କିନ୍ତୁ ତୁମେ ଦୁଇଥର ଧକ୍‌କା ଲଗାଇବାରୁ ମୁଁ ରାଗରେ ତମକୁ ଭଡ଼ା ଦେଇ ନଥିଲି । ସେହି ଭଡ଼ା ବାବଦକୁ ଏହି ଟଂକାଟି ତୁମକୁ ଦେଉଚି, ନିଅ ।

ବଂଧୁମାନେ ହୋ, ହୋ ହୋଇ ହସି ଉଠି କହିଲେ ଲୁଚିଇ ଲୁଚିଇ ଦାନ କରା-ହେଉଛି, ନା ?" ମୁଁ ଲଜ୍ଜିତ ହୋଇ ପଡ଼ିଲି ।

ରହିମ୍ ମୋର ମେହେରବାନି ପାଇଁ ମୋତେ ଗୋଟାଏ ସଲାମ କରି ରିକ୍‌ସା ଟାଣି ଟାଣି ଅନ୍ୟ ବାଟରେ ଚାଲିଗଲା । ଅଂଧାର ରାତିରେ ତାର ରିକ୍‌ସା ଦେଖା ଯାଉ ନଥିଲେ ମଧ୍ୟ ତା ଘଂଟିର ଠୁଣ୍ ଠୁଣ୍ ଶବ୍ଦ ଆମେ ସମସ୍ତେ ଅନେକ ବେଳ ଯାଏ ଶୁଣି ପାରୁଥିଲୁ ।

Digitized by PPRACHIN, SOA

ଦାରୋଗାଂକ କୁକୁର

ପ୍ରତାପ ଗଂଜନ ବଳିଆର ସିଂହ ନାମଜାଦା ଦାରୋଗା । ତାଂକ ବାପା କହୁଂଥିଲେ, "ମାଛ ଖାଇବ ଇଲିସ୍, ଚାକିରି କରିବ ପୁଲିସ୍ ।" ତାଂକ କୁଳବର୍ଦ୍ଧନ ପୁତ୍ର ତାଂକର ସେ ଇଚ୍ଛା ଆଶା ପୂରଣ କରିଛଂତି ।

ଦାରୋଗା ପରି ଦାରୋଗା ଜଣେ ବଳିଆର ସିଂହ । ପାଂଚ ହାତିଆ କଳା ମଚ୍ ମଚ୍ ଘଂଡ଼ା ମାର୍କା ଦେହରେ ଖାକିର ଇସ୍ତ୍ରୀକରା ପୋଷାକ । ବୋତାମଗୁଡ଼ାକ ଦାଉ ଦାଉ ଜଳେ । ସୁନା ଖିଲ ମରା ଗ୍ରମୁଦାଂତଗୁଡ଼ାକ ତା ସାଂଗକୁ ଚକ୍ ଚକ୍ କରି ଉଠଂତି । ସ୍ୱା-ବଡ଼ା ମୁହଁକୁ ସ୍ୱା ବଡ଼ା ନଶ । ସେପରି ଦାରୋଗା ସେ ତାଲୁକାରେ କେବେ ଦେଖା ଯାଇ ନଥିଲେ ।

ସ୍ୱାମୀଂକର ପଦମର୍ଯ୍ୟାଦା ନେଇ ଦାରୋଗା ପତ୍ନୀ ସମଧିକ ଗର୍ବିତା । ଡେପୁଟି ବାବୁଂକ ସ୍ତ୍ରୀଂକ ସଂଗେ ତାଂକର କାହା ସ୍ୱାମୀ ବଡ଼ ଏ ବିଷୟରେ ତୁମୁଳ ବାଦାନୁବାଦ ହୁଏ । ଡେପୁଟି ଗୃହିଣୀ କହଂତି, "ତମ ବାବୁ କିଛି ଦୋଷକଲେ ଆମ ବାବୁ ତାଂକୁ ଜେଲ୍ ଦେଇ ପାରିବେ ।"

ଦାରୋଗା ଗୃହିଣୀ ପ୍ରତିଆକ୍ରମଣ କରଂତି—"ଜେଲ୍ ସିନା ଦେଇ ପାରିବେ, ହାତରେ କଡ଼ି ଦେଇ ପାରିବେ ନାହିଁ । ତମ ବାବୁ କିଛି ଦୋଷ କଲେ ଆମ ବାବୁ ତାଂକୁ ହାତକଡ଼ି ଦେଇ ବାଂଧି ଆଣି ପାରିବେ ।"

ଡେପୁଟି ଗୃହିଣୀ ନିଆଁରେ ଲୁଣ ପଡ଼ିଲାଭଳି ଫୁଟଂତି । ଶେଷକୁ ତାଂକ ବ୍ରହ୍ମାସ୍ତ୍ର ପ୍ରୟୋଗ କରଂତି—"ଆମ ବାବୁଂକ ଦରମା ଦୋହରି ।"

ଏ ତାତ୍ତ୍ୱିକ ଯୁକ୍ତି ଆଗରେ ମୁଂଡ଼ ନୁଆଂଡି ଦାରୋଗା ପତ୍ନୀ । କିଂତୁ ପ୍ରତିଶୋଧ ନେବାକୁ ଛାଡ଼ଂତି ନାହିଁ । ଦାଂତ ଚିପି କହଂତି, "ଏ ଦେଶଟା ତ ନିମକ ହାରାମ । ଅନ୍ୟ ଦେଶ ହୋଇଥିଲେ, ପାକିସ୍ତାନ ହୋଇଥିଲେ ଦରମାଟା ନିଶ୍ଚୟ ଦଶ ଗୁଣା ହୋଇଥାଂତା ।"

ସ୍ଥାନୀୟ ହେଡ଼ମାଷ୍ଟରଂକ ପତ୍ନୀ ପାନ ଚୋବାଇ ଚୋବାଇ ମଧ୍ୟସ୍ଥ ହୋଇ ସମାଧାନ କରଂତି, "ନାଇ କିଏ ବଡ଼ କିଏ ଶ୍ରେଷ୍ଠ ନୁହେ । ଦିହେଁ ଦିହିଂକ ବଳଂତି । ଦେଖୁନ, ଆମ ବାବୁଂକ କଥା । କିଏ ତାଂକୁ ପଚାରୁଚି ? କିଂତୁ ସେ ନ ଥିଲେ ଦେଶରେ ଡେପୁଟି କି ଦାରୋଗା କେହି ନ ଥାଂତେ । ସମସ୍ତେ ଗଜ ମୂର୍ଖ ହୋଇ ବସିଥାଂତେ । ହେଲେ କିଏ ବୁଝୁଚି ? ଯାହା କହିଲ ଭଉଣୀ ସତ । ଦେଶଟା ନିମକ ହାରାମ୍ ।"

Digitized by PPRACHIN, SOA

ଏଭଳି ଦାରୋଗା ବାବୁଂକ ସ୍ୱନାମଧନ୍ୟ କୁକୁର ସୁଲତାନ୍ । ତାର ବଂଶାବଳୀ ଆଲୋଚନା କରି ଜଣା ଯାଇଛି, ତାର ପିତୃପୁରୁଷଂକ ଆଭିଜାତ୍ୟର ଦୀର୍ଘତା ଖୁବ୍ ବେଶି, କେଉଁଠି ସାହୁର ଆଠ ଦଶ ବର୍ଷ ତଳର ଏକ ବୁଲା କୁକୁର ପର୍ଯ୍ୟଂତ ଯାଇପାରେ ।

କିଂତୁ ସେ ଇଲାକାରେ ସମସ୍ତେ କହଂତି, ସେ ଆଲସିସିଅର୍ସ । କିଏ କହେ, ସ୍ପାନି-ଆର୍ଡ୍, କିଏ କହେ ଓଡ଼ିଶାଆ ରାଜା ସାହେବ କଲିକତାରୁ ଆଣି ଦେଇଥିଲେ ।

ଦାରୋଗା ବାବୁଂକ କୋଠିକୁ ପ୍ରତିଦିନ ଆସୁଥିବା ଶହ ଶହ ଦର୍ଶନାର୍ଥୀଂକୁ ସୁଲତାନ ହିଁ ପ୍ରଥମେ ଫାଟକ ସାମନାରେ ଅଭ୍ୟର୍ଥନା କରେ । କିଏ ସୁଙ୍ଘି ସୁଙ୍ଘି କରି ମୁହଁକୁ ଅନାଏ । ପୁଣି ମୁହଁ ମାଡ଼ି ଶୁଏ । କିଏ ତାକୁ ବୃଷଭ ପୂଜା ଖାଉରେ ମୁଡ଼ି, ଉଖୁଡ଼ା ଏବଂ କୌଣସି କୌଣସି କଂଟ୍ରାକ୍ଟର କିଂବା ସରପଂଚ ପାଚିଲା କଦଳୀ ମଧ୍ୟ ଖୁଆଇବାର ଦେଖା ଯାଇଛି ।

ସମସ୍ତ କାହାରିକି ଅନାଏ ନାହିଁ । ସେ ଦାରୋଗାଂକ କୁକୁର ହେଉ ବା ମହା-ଦେବଂକ ବୃଷଭ ହେଉ—ସୁଲତାନ କ୍ରମେ ବୃଦ୍ଧ, ବୃଦ୍ଧରୁ ରୁଗ୍ଣ ଏବଂ ରୁଗ୍‌ଣରୁ ଲୋମହୀନ ଚଲତ୍ ଶକ୍ତି ବିହୀନ ହୋଇ ମୃତ୍ୟୁ ମୁଖରେ ପତିତ ହୁଏ ।

ଶ୍ରେଷ୍ଠ ତାଲୁକ ସହରଟିର ସବୁ ବାବୁଭୟା, ଜଣା ଶୁଣା ଲୋକ, ଠିକାଦାର, ବେପାରୀ, ପଂଚାୟତ କମିଟି ମେଂବର, କଳାବଜାରୀ, ମାମଲତକାର, ଖଦଡ଼ଧାରୀ, ପରମିଟ-ବାଲା, ଦାରୋଗା ବାବୁଂକ ଘରେ ଆସି ହାଜର । ଆହାଃ ! କୁକୁର ପରି କୁକୁରଟାଏ ଥିଲା ଏକା ! କିଏ କହୁଛି, "କୁକୁର ତ ନୁହେ ଏକ ବ୍ରହ୍ମଜ୍ଞାନୀ ଥିଲା । ପୂର୍ବ ଜନ୍ମରେ ନିଶ୍ଚୟ ଖଂଡ଼ଗିରିରେ ବହୁତ ଜପତପ କରିଥିଲା । ଦେଖୁନ ସବୁବେଳେ କେମିତି ଫାଟକ ଆଗରେ ଆଖି ବୁଜି ଢୁଲାଉ ଥାଏ । ମାଛିକୁ ମରି ବୋଲି କହିବ ନାଇ ।"

ମହାସମାରୋହରେ ସହିତ ଶୋଭାଯାତ୍ରା ବାହାରିଲା । ସବୁ ଦଳ ଓ ସବୁ ମତର ଲୋକ କୁକୁରର ଶବ ଯାତ୍ରାରେ ଯୋଗ ଦେଇଥିଲେ । ଦୁଇ କୀର୍ତ୍ତନ ଦଳ ମଧ୍ୟ ସ୍ୱେଚ୍ଛାକ୍ରମେ ଆଗେ ଆଗେ ଚାଲିଥିଲେ । "ବୋଲ ହରି ବୋଲ ।" "ରାମ ନାମ ସତ୍ୟ ହେ" ଏବଂ "ଆଲ୍ଲାହ ବିସ୍-ମିଲ୍ଲା"—ସବୁ ପ୍ରକାର ଧ୍ୱନିରେ ରାସ୍ତା ଭରି ଯାଇଥିଲା ।

ଦାରୋଗା ସାହେବଂକ ଗୃହିଣୀ ଦୂରରୁ ଏ ଶୋଭାଯାତ୍ରା ଦେଖି ମନେ ମନେ ଗର୍ବ ଏବଂ ଗୌରବ ଅନୁଭବ କରିଥିଲେ । ଶୋଭାଯାତ୍ରାଟା ଯେମିତି ଡେପୁଟି ବାବୁଂକ କୋଠୀ ସାମନା ରାସ୍ତା ଦେଇ ଯିବ ସେଥିପ୍ରତି ଦୁଇଜଣ ସିପାହିଂକୁ ଚୁପ୍‌କରି ଇଂଗିତ ଦେଇଥିଲେ । ସେ ଗର୍ବୋତ୍‌ଫୁଲ୍ଲ ମନରେ ଭାବୁଥିଲେ—"କୁକୁରକୁ ତ ଏମିତି—ଯଦି କୁକୁରର ମାଲିକ ହୋଇଥାଂତା—।" ଏତିକି ଭାବି ସେ ଥୁକୁଲ୍ ପକାଂତି—"ଛି ! ଛି ! କି ଅମଂଗଳ ଚିଂତା !!"

ଦୁନିଆଁରେ ସବୁ ପୁଣି ଘଟେ । ମରଣ କାହାରିକି ମାନେ ନାଇ, ସେ ଦାରୋଗା ହୁଅଂତୁ ବା ମଂତ୍ରୀ ହୁଅଂତୁ । ବର୍ଷ ଦୁଇଟା ନ ଯାଉଣୁ ଦିନେ ସତରେ ଦାରୋଗା ବାବୁଂକ ନିକଟକୁ ସମନ ଆସିଲା । ବେଶି କିଛି କାରଣ ନାଇ । ମାତ୍ର ତିନିଟା ଦିନ ଜର । ତା'ପରେ ସ୍ତୁତି ଘଡ଼ ଘଡ଼ । ବେଶ୍ ଖତମ୍ !

Digitized by PPRACHIN, SOA

ଚାରିଆଡ଼େ ଶୁଣାଗଲା ଆହା ! ଦାରୋଗା ବାବୁଟା ଚାଲିଗଲା । ଠିକାଦାର ବାବୁ ଟିକେ ଉଶ୍ୱାସ ବୋଧ କଲେ । ଅଂଟାଖୋସା ତ କମ୍ ଦେବାକୁ ପଡ଼େନାହିଁ—କାମ ଥାଉ ବା ନ ଥାଉ ।

ତା' ପରେ ଶବ ଉଠିବ । ବହୁତ ଧର୍ରା ଧରି କରି କେତେଜଣ ଲୋକ ଜୁଟିଲେ । କିଂତୁ ଏଂଠିକା ଲୋକରେ କ'ଣ ଏତେ ବଡ଼ ମୁର୍ଦାର ଉଠିବ ନା ଦାହ କରି ହେବ ? ଥାନାର ସିପାହିମାନଂକୁ ଶେଷରେ ଡକା ହେଲା ।

ଦାରୋଗା ବାବୁଂକ ସ୍ତ୍ରୀ ଘରର ଗୋଟାଏ କଣରେ ପଡ଼ିଛଂତି । ପିଲାଗୁଡ଼ାକ କେଁ ଭେଁ ହେଉଛଂତି । କ'ଣ ହେଲା ? ସବୁ ସରିଗଲା ! ଡକା ପାରି ପାରି ସ୍ୱାମୀଂକର ଶେଷ ଯାତ୍ରାଟା ଦେଖିବା ପାଇଁ ସେ ଦୌଡ଼ିଆସିଲେ । କିଂତୁ କାହାଂତି ଲୋକ ! ଦୁଇ ବର୍ଷ ତଳର ସେ ଦୃଶ୍ୟଟା ସଂଗେ ଆଜିର ଏ ତାରତମ୍ୟଟା ତାଂକ ଆଖିକୁ ପ୍ରଥମେ ପୀଡ଼ା ଦେଲା । ଏତେ ବୁକୁଫଟା ଦୁଃଖ ଭିତରେ ବି ତାଂକ ହୃଦୟରେ କ୍ରୋଧ ଜାଗି ଉଠିଲା । ସେ ମନେ ମନେ କହିବାକୁ ଲାଗିଲେ, "ସମସ୍ତେ ନମକ୍ ହାରାମ୍ ।"

Digitized by PPRACHIN, SOA

ପଇସାଟିଏ !

ନୀଳାମ୍ବର ବାବୁ ଏକ ସାନ୍ଧ୍ୟ ଆଲୋଚନା-ବନାମ-ଟି-ପାର୍ଟିରେ ଯୋଗଦେଇସାରି ଫେରୁଥାନ୍ତି । ଭୁବନେଶ୍ୱରରୁ କଟକ ବେଶି ରାସ୍ତା ନୁହେଁ । ମାତ୍ର କୋଡ଼ିଏ ମାଇଲ୍ ଅର୍ଥାତ୍ ପ୍ରାୟ ଅଧଘଣ୍ଟାର ବାଟ । ତଥାପି ମନଟା ତାଙ୍କର ବିରକ୍ତିରେ ଭରିଯାଇଛି । ରାସ୍ତା ସରୁ-ନାହିଁ । ସେ ଭାବୁଥାନ୍ତି, ଆଜିର ଏଇ ବର୍ଷଣମୁଖର ସନ୍ଧ୍ୟାଟାକୁ ଏଭଳି ନିର୍ବୋଧ ଆଲୋଚନାରେ ଖର୍ଚ୍ଚ ନ କରି ବରଂ କଟକରେ ନିଜ ଘର ବାରଣ୍ଡାରେ ବସିରହି ଏଣୁତେଣୁ ଭାବୁ ଭାବୁ କଟାଇଦେଇଥିଲେ ଭଲ ହୋଇଥାନ୍ତା । ଯେତେ ସବୁ ବାଜେ ତର୍କ ! ପଶ୍ଚିମ ବଙ୍ଗରେ ସବୁ ମୁଖ୍ୟମନ୍ତ୍ରୀ ବାଡ଼ୁଅ ହେଲେ କାହିଁକି ? ଆମ ଓଡ଼ିଶାର ନୂଆ ମନ୍ତ୍ରିମଣ୍ଡଳର ନୀତି କଣ ? ନୂଆ ସରକାର ଅମଳରେ ଗ୍ରାମସେବିକାମାନଙ୍କର ଭବିଷ୍ୟତ କଣ ହେବ ? ଏଇ ସବୁ ଫିମ୍ପିମରା କଥାରେ ଲଥା ମିଳାଇ ଯୋଗଦେବାକୁ ତାଙ୍କର ଆଦୌ ଇଚ୍ଛା ହେଉ ନ ଥିଲା । ତଥାପି ଦୀର୍ଘ ତିନିଘଣ୍ଟା କାଳ ତାଙ୍କୁ ବସି ରହିବାକୁ ହୋଇଛି ।

ରାସ୍ତା ସବୁ ଗୋଟାଏ ବଡ଼ ବର୍ଷାରେ ଧୋଇହୋଇ ଚକ୍‌ଚକ ଦିଶୁଛି । ପୁଣି ବି ଟିକେ ଟିକେ କୁଣ୍ଡା ଝାଡ଼ୁଛି । ଓଦା ଗଛପତ୍ର ଓ ଧାନବିଲ ଉପରେ ମୋଟରର ଆଲୁଅ ପଡ଼ି ଅଭ୍ରକ ଗୁଣ୍ଡ ବିଞ୍ଚିଦେଲା ପରି ଜଣା ପଡ଼ୁଛି । ଗୋଟିଏ ପେଚା ରାସ୍ତାର ଏପଟୁ ସେପଟ ଗଛକୁ ଫଡ଼୍ ଫଡ଼୍ ହୋଇ ଉଡ଼ିଗଲା । ଗୋଟାଏ ବିଲୁଆ ମଧ୍ୟ ରାସ୍ତା ପାରି ହେଲା, ତେବେ ଡାହାଣରୁ ବାଆଁ ପଟକୁ । ତାଙ୍କର ଅନ୍ୟମନସ୍କତା ଯେ ସେ ସବୁ ଲକ୍ଷ୍ୟ ନ କରିଛନ୍ତି ତା ନୁହେଁ । ତେବେ ସେଥିପ୍ରତି ସେ ଧ୍ୟାନ ଦେଇପାରୁ ନାହାନ୍ତି । ଗାଡ଼ି ଛୁଟାଇ ଚାଲିଛନ୍ତି ।

ସବୁଠୁ ବେଶି ଅଶ୍ୱସ୍ତିକର ଏଇ ଲେଭେଲ୍ କ୍ରସିଂଟା । ସହରରେ ପହଞ୍ଚି ମଧ୍ୟ ନ ପହଞ୍ଚିଲା ପରି ଲାଗେ । ସେ କପାଳରୁ ଝାଳ ପୋଛିବାକୁ ଲାଗିଲେ ।

ଲେଭେଲ୍ କ୍ରସିଂ ପାରି ହୋଇ ବକ୍ସିବଜାରରେ ପହଞ୍ଚିଲାବେଳକୁ ରାତି ପ୍ରାୟ ସାଢ଼େ ଦଶଟା ବାଜିଲାଣି । ବଜାର ଦୋକାନ ପ୍ରାୟ ପଡ଼ିଗଲାଣି । ଅଳ୍ପ ଗୋଟାଏ ଅଧେ ଯାହା ଖୋଲାଅଛି ତାହା ମଧ୍ୟ ବନ୍ଦ ହେବାକୁ ଯାଉଛି ।

ବତିଖୁଣ୍ଟଗୁଡ଼ାକ ପ୍ରାୟ ଅନ୍ଧାର କହିଲେ ଚଳେ । ତାଙ୍କର ମନେହେଲା, ଗୋଟାଏ ଖବରକାଗଜ କିଣିବା ଦରକାର ? କାରଣ ତାଙ୍କର ଗୃହକର ହୁଏତ ଆଜି କାଗଜ କିଣି ନ ଥିବ । ସେ ଗୋଟାଏ ହକର୍ ପିଲାକୁ ଡାକିଲେ । କାଗଜ ଖଣ୍ଡ ନେଇ ପ୍ରଥମ ପୃଷ୍ଠା ଉପରେ ଆଖି ବୁଲାଇ ଦେଇ ପକେଟ ଅଣ୍ଡାଳିଲେ । ବାହାରି ଆସିଲା ଗୋଟାଏ ସିକି । ସେ

Digitized by PPRACHIN, SOA

ସେଇଟାକୁ ହିଁ ହକର ହାତକୁ ବଢ଼ାଇଦେଲେ । ବାର ପଇସା ନେଇ ତେର ପଇସା ଫେରାଇଦେବା କଥା । ମାତ୍ର କାଗଜବାଲାଟି ତାଂକୁ ଫେରାଇଲା ମାତ୍ର ବାର ପଇସା, ଏକ ଦଶ ପଇସା ଏବଂ ଏକ ଦୁଇ ପଇସାର ରେଜ୍କି । ସେ ଅନ୍ୟମନସ୍କ ଭାବରେ ପଇସାତକ ଅଭ୍ୟାସମୁତାବକ ପକେଟରେ ରଖିଦେବାକୁ ଯାଉଥିଲେ, ମାତ୍ର ତାଂକର ହଠାତ୍ ମନେ ହେଲା ଟିକିଏ ତନଖି କରି ଦେଖିବା ଦରକାର । ହକର ଟୋକା ସେତେବେଳକୁ ସାଇକେଲ ଛୁଟାଇ- ଦଶ ବାର ହାତ ଆଗକୁ ବଢ଼ି ଗଲାଣି । ହେଲେ ନୀଳାଂବର ବାବୁ ତାକୁ ଡାକ ପକାଇଲେ । ଗୋଟିଏ ପଇସା କମ ଥିବା କଥା ଜଣାଇଲେ । ହକର ଜବାବ ଦେଲା ତା'ପାଖରେ ପଇସିକିଆ କିଂବା ତିନିପଇସିକିଆ ରେଜ୍କି ନାହିଁ, ସେ ନାଚାର । ନୀଳାଂବର ବାବୁଂକର ମନେ ପଡ଼ିଲା ତାଂକର ଗୁକର ତାଂକୁ ପ୍ରାୟ ରୋଜ ଏଇପ୍ରକାର ରିପୋର୍ଟ ଦେଇ ଆସୁଛି । ବିଭିନ୍ନ ହକରମାନେ ପ୍ରତିଦିନ ତାଠୁଁ ଏଇପ୍ରକାର ଗୋଟିଏ ଗୋଟିଏ ପଇସା ଅଧିକା ନେଉଛଂତି ଏବଂ ସେ କ୍ଷତି ଭରଣା କରିବାକୁ ପଡ଼ୁଛି ନୀଳାଂବର ବାବୁଂକୁ । ସେ ଗୁକରକୁ ଅଧେ ବିଶ୍ୱାସ, ଅଧେ ଅବିଶ୍ୱାସ କରିଆସୁଥିଲେ । ଆଜି ତାଂକର ନିଜର ଅଭିଜ୍ଞତା ସେ ବିଷୟରେ ସୁସ୍ପଷ୍ଟ ପ୍ରମାଣ ଯୋଗାଇଲା ।

ସେ ଧରିନେଲେ ଯେ ଏହା ଏକପ୍ରକାର ସୁଚିଂତିତ ଓ ସୁପରିକଳ୍ପିତ ଯୋଜନାର ଅଂଶ । ପ୍ରତି କାଗଜରେ ଗୋଟିଏ ଗୋଟିଏ ଅଧିକ ପଇସା ଅସୁଲ କରିବାର ଫଂଦି । ସେ ବଡ଼ ପାଟିରେ ଦାବୀକଲେ ଯେ ତାଂକୁ ଅଲବତ୍ ଆଉ ଗୋଟିଏ ପଇସା ଦେବାକୁ ହେବ । ମାତ୍ର କାଗଜବିକାଳୀ ତା ପକେଟର ସବୁ ରେଜା ବାହାର କରି ଆଂଜୁଳାରେ ଦେଖାଇଲା ଯେ ତା' ପାଖରେ ତିନିପଇସି କିଂବା ଏକପଇସି ନାହିଁ । ନୀଳାଂବର ବାବୁ କିଂତୁ ବୁଝିଲେ ନାହିଁ । ତାଂକର ଯୁକ୍ତି ହେଲା, ଯଦି ନାହିଁ, ଆଗରୁ କାହିଁକି ସେ ରଖିଲା ନାହିଁ । ସେ ଜାଣିଶୁଣି ରେଜା ରଖି ନାହିଁ । ସେ ନିଜ ପକେଟର ସବୁ ରେଜା ଆଂଜୁଳାରେ ପଦାକୁ ଆଣି ଖୋଜିବାକୁ ଲାଗିଲେ । ଦେଖିଲେ ଠିକ୍ ବାର ପଇସାର ରେଜା ବାହାରୁ ନାହିଁ । ହୁଏତ ଦଶ ପଇସା ନୋହିଲେ ପଂଦର ପଇସା ବାହାରୁଛି । ସେ ରାଗରେ ହକରକୁ ବୁଡ଼ବକ୍, ଠକ ଇତ୍ୟାଦି କହି ଅଗତ୍ୟା କାଗଜଟି ଫେରାଇଦେବାକୁ ସ୍ଥିର କଲେ । କାରଣ ତାଂକ ମତରେ ଏଭଳି ସଂଗଠିତ ଠକାମିକୁ ମୁଂଡପାତି ମାନି ନେବା କୌଣସି ଦେଶପ୍ରେମୀ ପକ୍ଷରେ ଉଚିତ ନୁହେ । ଏହାହିଁ ଦେଶରେ କଳାପୋତାଇ ଓ ଦୁର୍ନୀତି ପ୍ରସାରଣରେ ସାହାଯ୍ୟ କରୁଛି । ସେ ହକର ହାତରୁ ସୁକଟାକୁ ଓ୍ୱାପସ୍ ନେଇ ଜୋରରେ ମୋଟର ଛୁଟାଇଦେଲେ ।

ଅଳ୍ପ ଦୂର ଯାଇ ଆଉ ଏକ ହକର ପିଲା ହାବୁଡ଼ିଲା । ଏ କିଂତୁ ଠିକ୍ ପିଲା ନୁହେଁ, ପ୍ରାୟ ଯୁବକ, ପୁଣି କଟକୀ ଯୁବକ । ଫେଣ୍ଟ୍, ହାଓ୍ୱାଇ ସାର୍ଟ ପିଂଧିଛି । ନୀଳାଂବର ବାବୁ ଗାଡ଼ି ରୋକି ତାକୁ ଡାକି କାଗଜ ମାଗିଲେ । କାଗଜ ନେଇ ପୁଣି ପକେଟର ସବୁ ରେଜ୍କି କାଢ଼ି ତନ୍ନତନ୍ନ କରି ପରୀକ୍ଷା କରିବାକୁ ଲାଗିଲେ । ଦେଖିଲେ ପଂଦର ପଇସା ତଳକୁ କିଂବା ଦଶ ପଇସା ଉପରକୁ କିଛି ଖୁଚୁରା ନାହିଁ । ସେ ହକର ହାତକୁ ଏକ ଦଶ ପଇସା ଓ ଏକ

Digitized by PPRACHIN, SOA

ପାଂଚପଇସା ବଢ଼ାଇଦେଲେ । ମାତ୍ର ହକର ତିନି ପଇସା ଓ୍ୱାପସ୍ ନ ଦେଇ ତାଂକୁ ଫେରାଇଦେଲା ଗୋଟିଏ ଦୋପଇସି । ବେପରବା ଭାବରେ କହିଲା, ତା' ପାଖରେ ରେଜା ନାହିଁ । ନୀଳାଂବର ବାବୁଂକର ଖୁନ୍ ଗରମ ହୋଇଗଲା । ସମସ୍ତେ ସେଇ ଏକ ଠକଗୋଷ୍ଠୀର-ସାମିଲ । ସମସ୍ତେ ସଂଘବଦ୍ଧ ଭାବରେ ଠକେଇ କରିବା ପାଇଁ ଗୋଟାଏ ଦଳ ଗଢ଼ିଛଂତି ।

ସେତେବେଳକୁ ରାତି ପ୍ରାୟ ସାଢ଼େ ଏଗାରଟା ହେଲାଣି । ଘର ଦେଖା ଯାଉଚି । ତେଣୁ ଏଇ ହେଉଚି ଆଜିର ଶେଷ ହକର । ଆଉ ହକର ଜୁଟିବାର ସଂଭାବନା ନାହିଁ । ନୀଳାଂବର ବାବୁ ଅଗତ୍ୟା ଭାବିଲେ ଗୋଟାଏ ପଇସା ଯିବ ତ ଯାଉ, ଉଚବାଚ ନ କରି କାଗଜଖଂଡକ କିଣିନେବେ । କିଂତୁ ତାଂକ ଦେଶପ୍ରେମ ପ୍ରତିବାଦ ଜଣାଇଲା । ସମସ୍ତେ ଯଦି ଚୁପ୍-ଚାପ ଏଭଳି ଠକେଇ ବରଦାସ୍ତ କରିନେବେ ତ ଦେଶରୁ ଦୁର୍ନୀତି ଦୁରାଗ୍ରର ଲୋପହେବ କେମିତି ?

ଏମିତିକା ମୁହଁବଢ଼ିଆ କରି କରି ତ ଦୁର୍ନୀତି ବର୍ତ୍ତମାନ ମେଘନାଦ ପାଚିରି ପରି ଆକାଶକୁ ମୁଂଡ଼ଟେକି ଛିଡ଼ା ହେଲାଣି । ଦେଶଟା ଛାରଖାର ହେବା ଉପରେ । ତାଂକର ମନେ ପଡ଼ିଲା ସେଇ ନୀତି ବାକ୍ୟ—ଅନ୍ୟାୟ ଯେ କରେ ଆଉ ଅନ୍ୟାୟ ଯେ ସହେ ଉଭୟେ ଭଗବାନଂକ ଅଦାଲତରେ ସମାନ ଭାବରେ ଦୋଷୀ । ସେ ଭାବିଲେ ଏହାର ପ୍ରତିବାଦ କରାଯିବା ଦରକାର । ଅଂତତଃ ସମଗ୍ର ଦେଶରେ ଜଣେ ଲୋକ ଏହା ବିରୋଧରେ ସ୍ୱର ଉଠାଇବା ଦରକାର । ଆଉ ସେ ଲୋକ ଜଣକ ହେଉଛଂତି ସେ ନିଜେ—ସ୍ୱୟଂ ନୀଳାଂବର ଦାସ ।

ହେଉ ପଛେ ପଇସାଟାଏ, ସେ ଛାଡ଼ିବେ ନାହିଁ । ତାଂକର ମନେ ପଡ଼ିଲା ଗୃହକରର ରିପୋର୍ଟ । ସେ ରୋଜ ଇମିତି କାଗଜ କିଣିବା ବେଳେ ପଇସାଏ ଲେଖାଏଁ ଚାଂଦା ଦେଉଚି ଆଉ ପ୍ରତି ମାସରେ ସେ ତିରିଶ ପଇସା ଭରଣା କରିବାକୁ ହେଉଚି ନୀଳାଂବର ବାବୁଂକ ତହବିଲରୁ । ଏ ଗୋଟାଏ ରୀତିମତ କଳାବଜାର ଦେଶରେ ଚେରମାଡ଼ି ବସିଗଲାଣି । ନା, ନା ଏହାର ନିଶ୍ଚୟ ମୁକାବିଲା କରିବା ଦରକାର । ଚାଣକ୍ୟ ଯେପରି ଥିଏଟରରେ ଫେଂଆର୍ଜ ଦୁବଘାସର ମୂଳୋତ୍ପାଟନ କରିବାକୁ ଲାଗିଂଥି, ନୀଳାଂବର ବାବୁ ସେଇପରି ଦୁର୍ନୀତିର ମୂଳପୋଛ କରିବାକୁ ଅଂଟାଭିଡ଼ି ବାହାରି ପଡ଼ିଲେ ।

ହେଉ ପଛେ ପଇସାଟିଏ । ଏହା ପଛରେ ରହିଚି ଗୋଟାଏ ମସ୍ତବଡ଼ ପ୍ରିନ୍‌ସିପଲ୍ । ସେଥିପାଇଁ ଦରକାର ପଡ଼ିଲେ ପ୍ରାଣ ଦେବା ମଧ୍ୟ ଅନୁଚିତ ହେବନାହିଁ । ତାଂକର ମନେ ପଡ଼ିଲା ପଂଦର ବର୍ଷ ତଳେ କଲିକତାରେ ଟ୍ରାମ୍ ଧର୍ମଘଟ କଥା । ଟ୍ରାମ୍‌କୋଂପାନୀ ମାତ୍ର ପଇସାଟିଏ ଭଡ଼ା ବଢ଼ାଇ ଦେବାରୁ ପ୍ରାୟ ଏକମାସ ପର୍ଯ୍ୟଂତ ଟ୍ରାମ୍ ଧର୍ମଘଟ ଚାଲିଲା । କେତେ ସଭା ଶୋଭାଯାତ୍ରା ହେଲା । ଶେଷରେ କେତେଥର ଗୁଳି ଚାଲିଲା । ଛୋକକୁ ଛୋକ ବହୁ ଲୋକ ମଲେ । ଶହୀଦ୍ ହେଲେ । ସେ ନିଜେ ସେମାନଂକ ସ୍ମୃତିରେ କେତେ ଓଜସ୍ୱିନୀ ଭାଷଣ ଦେଇଛଂତି, କେତେ କବିତା ଲେଖିଛଂତି ।

Digitized by PPRACHIN, SOA

ଆଜି ସେ ଚୁପ୍‌କରି ଏ ଅନ୍ୟାୟ ସହିଯିବେ କିପରି ? ନୀଳାଂବର ବାବୁ ଯୁବାବସ୍ଥାରେ ଦେଶପ୍ରେମୀ ଥିଲେ, କୌଣସି ଏକ ରାଜନୀତିକ ସଂଘର ସକ୍ରିୟ ସଭ୍ୟ ମଧ୍ୟ ଥିଲେ । ବହୁତ ସଭା ସମିତିରେ ବକ୍ତୃତା ଦେଇଛଂତି, ଧର୍ମଘଟ ଚଳାଇଛଂତି । ବର୍ତ୍ତମାନ ସେ ସବୁ ଧଂଦା ଛାଡ଼ି ବ୍ୟବସାୟ କରୁଚଂତି ସତ, କିଂତୁ ତାଂକ ଭିତରର ଦେଶପ୍ରେମୀଟି କିଛି ମରିଯାଇ-ନାହିଁ । ତାଂକର ମନେ ହେଲା ସେ ବାସୁକୀ ପରି ସମାଜର ଭାର ମୁଂଡାଇଛଂତି । ତାଂକପରି ସମାଜସଚେତନ ଲୋକ ଏ ସବୁ ଦୁର୍ନୀତିର ପ୍ରଶ୍ରୟ ଦେବା ଅନ୍ୟାୟ । ଖାଲି ଅନ୍ୟାୟ ନୁହେଁ ଏକପ୍ରକାର ଅପରାଧ ମଧ୍ୟ ।

ସେ ବଡ଼ ପାଟିରେ ଦାବୀ କଲେ ଗୋଟିଏ ପଇସା ଅଲବତ ଦେବାକୁ ହେବ ! କାଗଜବାଲାଟି ମଧ୍ୟ ସମୁଚ୍ଚ ସ୍ୱରରେ ଉତ୍ତର ଦେଲା, ତା ପାଖରେ ରେଜା ନାହିଁ; ସେ କାଗଜ ଫେରାଇ ଦିଅଂତୁ । ନୀଳାଂବର ବାବୁ ତାକୁ ଦୋଷ ଦେବାକୁ ଲାଗିଲେ । କହିଲେ, ଜାଣିଶୁଣି ପାଖରେ ପଇସା ରଖି ଏପରି ଚାଲବାଜି କରୁଚୁ । ହକର ତାର ପେଂଟ ପକେଟରେ ଥିବା ସବୁ ରେଜା ବାହାର କରି ଦେଖାଇଦେଲା ଯେ ତା ଭିତରେ ତିନିପଇସାର ରେଜାଟି ନିଜର ଅନୁପସ୍ଥିତି ବଳରେ ଅତ୍ୟଂତ ପ୍ରସିଦ୍ଧ ହୋଇ ଉଠିଚି । ନୀଳାଂବର ବାବୁ ତାଂକ ପଂଜାବୀ ପକେଟରୁ ସବୁତକ ରେଜା କାଢ଼ି ଆଂଜୁଳାରେ ଖେଳାଇ ଦେଖିଲେ ଯେ ଦୁଇପଇସି ରେଜକିଟି ସେଠାରେ ସଂପୂର୍ଣ୍ଣ ରୂପେ ଅନାଗତ । ନୀଳାଂବର ବାବୁ ଅଭିଯୋଗ କଲେ, ରେଜା ନାହିଁ ତ ଆଗରୁ ରଖିବା ଉଚିତ ଥିଲା । ହକର ଜବାବ ଦେଲା ଯେ ସେ ବ୍ୟାଂକ୍ ନୁହେଁ । ଯୁକ୍ତିତର୍କରୁ କ୍ରମେ ଗାଲି ଦିଆଦିଇ ଆରଂଭ ହେଲା । ନୀଳାଂବର ବାବୁ ତାକୁ ବଦମାସ୍, ଠକ ଆଦି ମଧୁର ସଂବୋଧନ କରିବାକୁ ଲାଗିଲେ । ହକର ମଧ୍ୟ ବଦଳରେ "ମୋତେ ଯିଏ ଚୋର କହୁଚି ସେ ସେଇଆ ହୋଇଥିବ" ଇତ୍ୟାଦି ଇତ୍ୟାଦି କହିବାକୁ ଛାଡ଼ୁନାହିଁ ।

ଶେଷରେ ନୀଳାଂବର ବାବୁଂକ ହାତରୁ କାଗଜଖଂଡିକ ଟାଣି ନେଇ ପଇସା ଫେରାଇ ଦେଇ ସେ ସାଇକେଲରେ ଚଂପଟ ଦେଲା । ଖଂଡେ ଦୂର ଯାଇ ଶୁଣାଇ ଦେଲା—ଭାରି କାଗଜ ପଢ଼ିଲାବାଲା ଇଏ ! କେବେ କାଗଜ ପଢ଼ିଥିବେ !

ନୀଳାଂବର ବାବୁ ଅପମାନ ବୋଧ କଲେ । ଶେଷକଥାଟା ହକର କହିଯିବା ତାଂକର ଆଦୌ ବରଦାସ୍ତ ହେଲା ନାହିଁ । ସେଇ ବରଂ ଶେଷକଥାଟା କହି ଚାଲିଯାଇଥିଲେ ଏକପ୍ରକାର ବିଜୟ ଗର୍ବ ଅନୁଭବ କରିଥାଂତେ । ସେ ହକର ପଛରେ ଗାଡ଼ି ଛୁଟାଇଲେ ।

ଦେଖିଲେ ଖଂଡେଦୂରରେ ଯେ ହକର ଛିଡ଼ାହୋଇ ତା ସାଇକେଲରେ ଆଲୁଅ ଲଗାଉଚି । ନୀଳାଂବର ବାବୁ ଝପ୍‌କିନା ଗାଡ଼ିରୁ ଓହ୍ଲାଇ ପଡ଼ି ତା ଆଗରେ ଛିଡ଼ା ହୋଇଗଲେ । ତାଂକର ଆଖି ଦୁଇଟା ଜଳୁଥାଏ । ସେ ରାଗରେ ଧଇଁସଇଁ ହେଉଥାଂତି । ହକର ବିଚିତ୍ର ଅବସ୍ଥା ବୁଝିପାରି ଟିକିଏ ଘାବଡ଼ାଇ ଗଲାଣି । ସେ କଦାପି ଭାବି ନ ଥିଲା ଯେ

Digitized by PPRACHIN, SOA

ବାବୁ ଏବେ ଘରେ ଗାଡ଼ି ଛୁଟାଇ ତା ପିଛୁ ନେବେ । ସେ ହତବୁଦ୍ଧି ହୋଇଗଲା । ରାସ୍ତାରେ ମଧ୍ୟ ଲୋକଗହଳି ନାହିଁ । ସବୁ ନିଜନ । ସେ ଥତମତ ଖାଇଯାଇ ପଚାରିଲା—"ଆପଣ କଣ ଚାହାଁନ୍ତି ?"

ନୀଳାଂବର ବାବୁ କହିଲେ—"କାଗଜ ।"

"ନେଇଯାଂତୁ ।"

"ପଇସା ?"

"ନା, ଦରକାର ନାଇ ।"

ନୀଳାଂବର ବାବୁଂକର ରାଗଟା ଥପ୍ କିନା ପଡ଼ିଗଲା । ସେ ଏଭଳି ଏକ ଆକସ୍ମିକ ପରିବର୍ତ୍ତନ ପାଇଁ ଆଦୌ ପ୍ରସ୍ତୁତ ନ ଥିଲେ । ସେ ଖାଉମତ ଝଗଡ଼ା କରିବା ପାଇଁ ରାଗରେ ଝାଳନାଳ ହୋଇ ତା' ପଛେ ପଛେ ଛୁଟିଥିଲେ । ତାଂକ ହାତରେ ଥିଲା ଉଦ୍ୟତ ଅସ୍ତ୍ର । ସେ ଏଭଳି ଏକ ଆଂଟିକ୍ଲାଇମାକ୍ସ ଆଦୌ ପ୍ରତ୍ୟାଶା କରି ନ ଥିଲେ ।

ତାଂକର ଉତ୍ସାହ, ଉତ୍ତେଜନା, ରକ୍ତଚାପ ସବୁ ଲଥ୍‌କିନା ତଳେ ପଡ଼ିଗଲା । ଏତେ ସମୟ ଧରି ଅଂଧାରରେ ଯେଉଁ ଫର୍ଦଟା କ୍ରମାଗତ ବଢ଼ି ଚାଲିଥିଲା, ହଠାତ୍ ଯେପରି ତା ଆଗରେ ଆଲୁଅର ଗୋଟିଏ ବିଂଦୁ କିଏ ଆଣି ଦପ୍‌କିନା ଜାଳିଦେଲା । ଆଉ ତାର ଶ୍ରେଣିଆ କିରଣରେ ସେ ଜମାଟବଂଧା ଅଂଧାରଖଂଡ ଯେପରି ଧୀରେ ଧୀରେ ମିଳାଇ ଯିବାକୁ ଲାଗିଲା । ସେ କାଗଜ ଖଂଡ ନେଲେ । ପକେଟରୁ ସବୁ ରେଜିତକ ବାହାର କରି ଆଂଜୁଳାରେ ଖେଳାଇ ଖେଳାଇ ଦଶପଇସି ଓ ପାଞ୍ଚପଇସି ଖୋଜିବାକୁ ଲାଗିଲେ । ହକର ମଧ୍ୟ ତା' ପକେଟରୁ ସବୁ ରେଜାତକ କାଢ଼ି ପୂର୍ବର ଦୋପଇସିଟିକୁ ଖୋଜିବାକୁ ଲାଗିଲା ।

ନୀଳାଂବର ବାବୁ ଓ ହକର ଉଭୟେ ଏକ ସମୟରେ ଉଭୟଂକ ଆଡ଼କୁ ହାତ ବଢ଼ାଇ ପଇସା ଦିଆନିଆ ହେବାକୁ ଗଲେ । ହକର ହାତକୁ ପଇସା ବଢ଼ାଇ ଦେଇ ଟିକିଏ ଆଶ୍ଚର୍ଯ୍ୟ କଂଠରେ ନୀଳାଂବର ବାବୁ କହିଲେ—ଦୋପଇସିଟାଏ କୁଆଡ଼ୁ ମିଳିଲାଣି ।

ହକର ବି ସମଧିକ ଆଶ୍ଚର୍ଯ୍ୟ କଂଠରେ ଜବାବ ଦେଲା—"ଠିକ୍ ଅଛି ! ଆଜ୍ଞା ମୁଁ ଗୋଟାଏ ଦିନପଇସି ଖୋଜି ପାଇଲିଣି ।"

ନୀଳାଂବର ବାବୁ କାଗଜ କିଣି ଘରକୁ ଫେରିଲେ ।

Digitized by PPRACHIN, SOA